ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.03 Bhubaneswar Friday, February 04, 2022 | ୨୫ତମ ବର୍ଷ ସଂଖ୍ୟା-୦୩ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ୭ରୁ ଖୋଲିବ ସ୍କୁଲ, କଲେଜ

## - କେଜିରୁ ସପ୍ତମ ପର୍ଯ୍ୟନ୍ତ ସ୍କୁଲ ୧୪ରୁ ଖୋଲିବ - କ୍ଲାସ୍ ପ୍ରମୋଶନ ଓ ବୋର୍ଡ ପରୀକ୍ଷା ହେବ



ଭୁବନେଶ୍ୱର, ୩।୨(ପି.ଏନ): ରାଜ୍ୟରେ ଆସନ୍ତା ୭ ତାରିଖରୁ ଖୋଲିବ ସ୍କୁଲ ଓ କଲେଜ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଅଷ୍ଟମ ଶ୍ରେଣୀରୁ ଉପରକୁ ସମସ୍ତ ସ୍କୁଲ ୭ ତାରିଖରୁ ଖୋଲିବ। ଏହାସହ ସମସ୍ତ କଲେଜ, ୟୁନିଭର୍ସିଟି, ଟେକ୍ନିକାଲ, ପ୍ରଫେସନାଲ ଶିକ୍ଷାନୁଷ୍ଠାନ ଖୋଲିବ। ସ୍କୁଲ, କଲେଜ ସହ ସଂପୃକ୍ତ ହଷ୍ଟେଲଗୁଡ଼ିକ ମଧ୍ୟ ୭ ତାରିଖରୁ ଖୋଲିବ। ସେହିପରି କେଜିରୁ ସପ୍ତମ ପର୍ଯ୍ୟନ୍ତ ସ୍କୁଲ ଫେବୃଆରୀ ୧୪ରୁ ଖୋଲିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ତେବେ ଏହି ପାଠପଢ଼ା ଅନଲାଇନ/ଅଫଲାଇନ୍ ମାଧ୍ୟମରେ ହୋଇପାରିବ। ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିବା ବିଭାଗଗୁଡ଼ିକ ସ୍ୱତନ୍ତ୍ର ଭାବେ ନିଜ ନିଜର ଗାଇଡଲାଇନ୍ ଜାରି କରିବେ ।ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ୨ବର୍ଷ ଧରି କୋଭିଡ୍ ପରିସ୍ଥିତି ଯୋଗୁ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । କୋଭିଡର ୩ଟି ଲହରୀ ଯୋଗୁ ପିଲାମାନେ ଦୁଇବର୍ଷ ହେଲା ସ୍କୁଲ ଯାଇପାରୁନାହାନ୍ତି। ତୃତୀୟ ପର୍ଯ୍ୟାୟରେ ଓମିକ୍ରନ ଲହରୀ ଯୋଗୁ ଗତ ଏକମାସ ଧରି ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ତେବେ ଏବେ ତୃତୀୟ ପର୍ଯ୍ୟାୟ ପିକରେ ପହଚିଂ ସାରିଥିବା ତଥା ଏହାର ସଂକ୍ରମଣ କମ୍ ଥିବାରୁ ସରକାର ଏବେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲି ପାଠପଢ଼ା ସ୍ୱାଭାବିକ କରିବାକୁ ନିଷ୍ପତି ନେଇଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବା ପାଇଁ ବିଭିନ୍ନ ବର୍ଗରୁ ଚାପ ପଡୁଥିଲା । ତା'ସହିତ ୧୫ରୁ ୧୮ବର୍ଷ ବୟସର ପିଲାଙ୍କୁ ଟିକାକରଣ ମଧ୍ୟ ବ୍ୟାପକ ଭାବେ ହୋଇସାରିଛି। ପିଲାମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ସୋମବାରରୁ ଅଷ୍ଟମ ଶ୍ରେଣୀ ଓ ତଦୁର୍ଦ୍ଧ୍ୱ ପିଲାଙ୍କ ପାଠପଢ଼ା ସ୍ୱାଭାବିକ କରିବାକୁ ନିଷ୍ପତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ, କୃଷି ବିଭାଗ, ସାମାଜିକ ସଶକ୍ତିକରଣ ବିଭାଗ, ଅନୁସୂଚିତ ଜାତି ଜନଜାତି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଅଧୀନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ୱାଭାବିକ ଭାବେ ଖୋଲିବ। ଏହାସହିତ ସମସ୍ତ ହଷ୍ଟେଲ ମଧ୍ୟ ଖୋଲିବ ।ସେହିପରି କେଜିରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଆସନ୍ତା ଫେବୃୟାରୀ ୧୪ ତାରିଖରୁ ଖୋଲିବ। କେଜିରୁ ନବମ ଶ୍ରେଣୀ ପିଲାମାନଙ୍କ କ୍ଲାସ ପ୍ରମୋସନ ପରୀକ୍ଷା ସହ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ମଧ୍ୟ ଯଥାବିଧି କରାଯିବ। ସ୍କୁଲଗୁଡ଼ିକ ଚାହିଁଲେ ପିଲାମାନଙ୍କ ପାଠ୍ୟକ୍ରମକୁ ଶେଷ କରିବା ପାଇଁ ଖରାଛୁଟିର ଅବଧି ହ୍ରାସ କରିପାରିବେ। କୋଭିଡ୍ ଗାଇଡଲାଇନ୍ ମଧ୍ୟରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସମେତ ସବୁ ପ୍ରଫେସନାଲ ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ ଖୋଲିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।୨ ବର୍ଷ ହେଲା ଯେହେତୁ ସ୍କୁଲରେ ପାଠ ପଢ଼ାଯାଇ ନାହିଁ, ତେଣୁ ଶିକ୍ଷକମାନେ ପିଲା ଓ ଅଭିଭାବକଙ୍କୁ ସହଯୋଗ କରିବେ। ଦରକାର ପଡ଼ିଲେ ଖରାଛୁଟିକୁ ହ୍ରାସ କରାଯାଇ ପାରିବ। ଆବଶ୍ୟକ ସ୍ଥଳେ ବ୍ରିଜ୍ କୋର୍ସ ଓ ସ୍ୱଳ୍ପ-ଅବଧି, ମଧ୍ୟମ-ଅବଧି ଆଦି କ୍ଲାସ୍ କରି ପିଲାଙ୍କର ପାଠ୍ୟଖସଡ଼ା ଶେଷକରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ହେଲେ ଖରାଦିନ ଛୁଟିର ଅବଧି ମଧ୍ୟ କମାଇ ଶିକ୍ଷାଦାନ କରିପାରିବେ। ସବୁ ବିଭାଗର ସବୁ ଅନୁଷ୍ଠାନ ପାଇଁ ସରକାରଙ୍କର ଏହି ନିଷ୍ପତି ଲାଗୁହେବ ।ସମସ୍ତ ଶିକ୍ଷାନୁଷ୍ଠାନ, ପରିଚାଳନା କମିଟି, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅବିଭାବକମାନେ ମିଳିତ ଭାବେ ପ୍ରୟାସ କଲେ ଆମେ ପିଲାମାନଙ୍କ ଶିକ୍ଷାଦାନରେ ହୋଇଥିବା କ୍ଷତିକୁ ପୁରଣ କରିପାରିବା ବୋଲି ମୁଖ୍ୟ ଶାସନ ସଚିବ ଆଶା ପ୍ରକାଶ କରିଛନ୍ତି।

## ସଂକ୍ରମଣ ତଳ ଉପର ହେଉଛି, ସ୍କୁଲ ଖୋଲିବା ନେଇ ସରକାର ତର୍ଜମା କରୁଛନ୍ତି

ଭୁବନେଶ୍ୱର, ୩।୨(ପି.ଏନ): ରାଜ୍ୟରେ ବର୍ତମାନ ସଂକ୍ରମଣ ତଳ ଉପର ହେଉଛି। କିନ୍ତୁ ଯେଉଁ ଟ୍ରେଣ୍ଡ ଦେଖାଯାଉଛି ସଂକ୍ରମଣ କମୁଛି। ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହି ସୂଚନା ଦେଇଛନ୍ତି । ସେ ସୂଚନା ଦେଇ କହିଛନ୍ତି ଯେ ଓମି ସିୟର କିଟରେ ହାରାହାରି ୩୧୬୬୬ ଜଣଙ୍କର ସାମ୍ପୁଲ ଟେଷ୍ଟ କରାଯାଇଥଲା। ସେଥିମଧ୍ୟରୁ ୧୭୨୯ ଜଣଙ୍କର ପଜିଟିଭ ଚିହ୍ନଟ ହୋଇଥିଲା। ସେମାନଙ୍କ ମଧ୍ୟରୁ ୫୭୬ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ହାରାହାରି ୩୩ ପ୍ରତିଶତ ଓମିକ୍ରନ ଆକ୍ରାନ୍ତ ଚିନ୍ହଟ ହୋଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ରାଜ୍ୟରେ ଓମି କ୍ରନ ଆକ୍ରାନ୍ତଙ୍କ ସଂଖ୍ୟା କେତେ ତାହା ଜିନମ ସିକ୍ୟୁନସିଂ ଡାଟା ଏବଂ ଓମିସିୟର କିଟର ଡାଟାକୁ ମିଳିତ ଭାବରେ ଅନୁଧ୍ୟାନ କରିବା ପରେ ଜଣାପଡିବ ।ସେ ଆହୁରି କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ବର୍ତମାନ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ଦେଖିଲେ ବର୍ତମାନ ଡେଲ୍‌ଟା ଉପସ୍ଥିତି ରହିଛି, ସେହି କାରଣରୁ ମୃତ୍ୟୁ ହେଉଛି।

# ଗୋଟିଏ ଦିନରେ ୩୬୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୬୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୫୯୪୦୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୫୧୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୧୫ ହଜାର ୩୮୦ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୫୩୦୬ ରହିଛି ।ଆଜି ଚିହ୍ନଟ ହୋଇଥିବା ୩୬୨୯ ଜଣଙ୍କ ମଧ୍ୟରୁ ୨୧୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୧୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୭୧୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୮୯ , ବାଲେଶ୍ୱର ଜିଲ୍ଲାରୁ ୧୧୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୮୦ , କଟକରୁ ୩୮୯ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୫୬, ଗଂଜାମ ଜିଲ୍ଲାରେ ୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୯, ଯାଜପୁରରୁ ୧୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୮୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୭ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୪ , ଖୋର୍ଦ୍ଧାରୁ ୭୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୩୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୯୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୧୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୫୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୩୪୬, ଷ୍ଟେଟ୍ ପୁଲରୁ ୧୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଶହେ କୋଟି ଠକେଇ ମାମଲାରେ ଅଭିଯୁକ୍ତ ଦୀପକ କିଣ୍ଡୋଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର ଜାରି

ଭୁବନେଶ୍ୱର, ୩।୨(ପି.ଏନ): ଶହେ କୋଟି ଋଣ ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ କିଣ୍ଡୋଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି। ଇଓଡବ୍ଲୁର ଅନୁରୋଧ କ୍ରମେ ସମ୍ବନ୍ଧ ଫିନଜଭିର ଏମଡି ଦୀପକଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି ଇମିଗ୍ରେସନ୍ ବ୍ୟୁରୋ। ଦୀପକ ଦେଶ ଛାଡ଼ି ଚାଲିଥିବା ଆଶଙ୍କା ଥିବାରୁ ବିମାନ ବନ୍ଦର ଓ ସାମୁଦ୍ରିକ ବନ୍ଦରଗୁଡ଼ିକୁ ସତର୍କ କରାଯାଇଛି । ପୂର୍ବରୁ ଏହି ଜାଲିଆତି ମାମଲାରେ ଦୀପକଙ୍କ ସ୍ତ୍ରୀ ଅମ୍ରିତା କିଣ୍ଡୋଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା ଇଓଡବ୍ଲୁ।ସୂଚନା ଅନୁଯାୟୀ ଜାଲ କାଗଜପତ୍ର ଦେଇ ଅନ୍ନପୂର୍ଣ୍ଣା ଫାଇନାନ୍ସରୁ ୫କୋଟି ଟଙ୍କା ଋଣ ଆଣିଥିଲେ ଦୀପକ । ୨୦୧୫ରୁ ୨୦୨୦ ମଧ୍ୟରେ ଦୀପକ ଓ ତାଙ୍କ କମ୍ପାନୀ ଜାଲ ଡକ୍ୟୁମେଟ ଦେଇ ବିଭିନ୍ନ ଇନଭେଷ୍ଟରଙ୍କଠାରୁ ପ୍ରାୟ ଶହେ କୋଟି ଟଙ୍କାର ଋଣ ଆଣିଥିଲେ। ବିଭିନ୍ନ କମ୍ପାନୀରୁ ଟଙ୍କା ଉଠାଇ ପରିଶୋଧ ନକରିବା ଯୋଗୁ ଦୀପକଙ୍କ ନାଁରେ ଜାଲିଆତି ମାମଲା ରୁଜୁ ହୋଇଥିଲା । ଦୀପକଙ୍କ ସମ୍ପର୍କରେ ସୂଚନା ପାଇଁ ମୋବାଇଲ ନମ୍ବର ୯୪୩୭୪୪ ୪୪୮୦ ଜାରି କରାଯାଇଛି । ଏ ନମ୍ବରରେ ସୂଚନା ଦେବା ବ୍ୟକ୍ତିଙ୍କ ନାମ ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରହିବ ବୋଲି ଇଓଡବ୍ଲୁ ପକ୍ଷରୁ କୁହାଯାଇଛି ।

## ଓଡ଼ିଶାକୁ ମିଳିଛି ସର୍ବାଧିକ ଅନୁଦାନ : କେନ୍ଦ୍ର ରେଳ ମନ୍ତ୍ରୀ

ଭୁବନେଶ୍ୱର, ୩।୨(ପି.ଏନ): ଓଡ଼ିଶାକୁ ଇତିହାସରେ ସର୍ବାଧିକ ଅନୁଦାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଚଳିତ ବର୍ଷ ଓଡିଶାକୁ ରେଳ ଅନୁଦାନ ବାବଦକୁ ୯୭୨୩ କୋଟି ଦିଆଯାଇଛି। ଯାହା ୟୁପିଏ ସରକାର ଅମଳରେ ମିଳିଥିବା ଅନୁଦାନର ୧୦ ଗୁଣ ଅଧିକ। ୨୦୦୯ରୁ ୧୪ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ୮୩୪ କୋଟି ମିଳୁଥିଲା ବୋଲି କହିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି ୨୦୧୪ରୁ ୧୯ ପର୍ଯ୍ୟନ୍ତ ହାରାହାରି ବାର୍ଷିକ ୪୧୨୬ କୋଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ। ୨୦୧୯-୨୦ରେ ୪ହଜାର ୫୬୮, ୨୦-୨୧ରେ ୫ ହଜାର ୨୯୬ କୋଟି ଦିଆ ଯାଇଥିଲା। ୨୦୨୧-୨୨ରେ ପ୍ରଥମେ ୫ ହଜାର ୯୨୧ ଓ ପରେ ୫୫୦ କୋଟି ଦିଆ ଯାଇଥିଲା। ସେହିପରି ୨୦୨୧-୨୨ରେ ମୋଟ ୬୪୭୧ କୋଟି ଦିଆଯାଇଥିଲା। ଏହା ସହ ରେଳ ବିକାଶ ପାଇଁ ପାଣ୍ଠିର ଅଭାବ ରହିବ ନାହିଁ। କଳାହାଣ୍ଡି ରେଳ ୱାଗନ ଫ୍ୟାକ୍ଟ୍ରି ପାଇଁ ଏଯାଏ ୫୦% ଜମି ଅଧିଗ୍ରହଣ ହୋଇଛି, ରାଜ୍ୟ ଜମି ଦେଲେ କାମ ଆରମ୍ଭ ହେବ।ଏଥର ବଜେଟରେ ୯୮.୭ କିମିର ଅନୁଗୋଳ-ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୭୫ କୋଟି ଟଙ୍କା, ୮୨ କିମି ହରିଦାସପୁର-ପାରାଦୀପ ରେଳ ଲାଇନ ପାଇଁ ୮୫ କୋଟି ଟଙ୍କା ମଞ୍ଜୁର ହୋଇଛି । ତାଳଚେର-ବିମଳାଗଡ ୧୫୪ କିମି ରେଳ ଲାଇନ ପାଇଁ ୨୫୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୩୫୧ କୋଟି ଦିଆଯାଇଛି । ସେହିପରି ଖୋର୍ଦ୍ଧା-ବାରଙ୍ଗ ତୃତୀୟ ଲାଇନ ପାଇଁ ୧୬୪ କୋଟି, ସମ୍ବଲପୁର-ଟିଟିଲାଗଡ ୧୮୨.୧୧ କିମି ରେଳ ଲାଇନ ଦୋହରିକରଣ ପାଇଁ ୯୯ କୋଟି ଟଙ୍କା, ସମ୍ବଲପୁର-ତାଳଚେର ରେଳ ଲାଇନର ଦୋହରିକରଣ ପାଇଁ ୧୭୨ କୋଟି ଟଙ୍କା, ଝାରସୁଗୁଡା-ବିଳାସପୁର ଚତୁର୍ଥ ଲାଇନ ପାଇଁ ୭୧୭ କୋଟି ଟଙ୍କା ଦିଆଯାଇଛି । ଜୟପୁର-ମାଲକାନଗିରି ୧୩୦ କିମି ପାଇଁ ୧୩ କୋଟି ଟଙ୍କା, ଜୟପୁର- ନବରଙ୍ଗପୁର ପାଇଁ ୮୧ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

## କେନ୍ଦ୍ରୀୟ ବଜେଟରେ ମହିଳାମାନଙ୍କୁ ଅଣଦେଖା କରାଯାଇଛି

ଭୁବନେଶ୍ୱର, ୩।୨(ପି.ଏନ): ଚଳିତ କେନ୍ଦ୍ରୀୟ ବଜେଟରେ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଇଛି। ଏହାର ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ବଜେଟକୁ ତୀବ୍ର ବିରୋଧ କରିବା ସହିତ ବଜେଟର କପିକୁ ପୋଡ଼ି ପ୍ରତିବାଦ ଜଣାଇଥିଲେ ।ସେମାନେ ଅଭିଯୋଗ କରିଛନ୍ତି ଯେ ବଜେଟ୍ ରେ ମହିଳାମାନଙ୍କୁ ରୋଜଗାର ଯୋଗାଉଥିବା ସମ୍ମିଳିତ ଯୋଜନାର ବ୍ୟୟବରାଦ ୨୦୨୧-୨୨ରେ ୩.୨ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହାକୁ କମାଇ ୨.୫ ପ୍ରତିଶତ କରାଯାଇଛି। ସରକାର ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଡ଼ିଜିଟାଲ କରିବା ଯୋଗୁଁ ପଛୁଆ ଓ ଗରିବ ଝିଅମାନେ ପାଠପଢାରୁ ବଂଚିତ ହେଉଛନ୍ତି।୨ ଲକ୍ଷ ସ୍ମାର୍ଟ ଅନଙ୍ଗୱାଡ଼ି କେନ୍ଦ୍ର ଖୋଲାଯିବ ବୋଲି ବଜେଟରେ ଘୋଷଣା କରାଯାଇଛି। କିନ୍ତୁ ଅଙ୍ଗନୱାଡ଼ି କର୍ମୀ ସହ ଅନ୍ୟସବୁ ଯୋଜନାରେ କାମ କରୁଥିବା ମହିଳା କର୍ମଚାରୀମାନଙ୍କୁ ନ୍ୟୁନତମ ମଜୁରୀ ତ ଦୂରର କଥା, ସେମାନଙ୍କ ଦରମା ମଧ୍ୟ ବୃଦ୍ଧି କରିନାହାଁନ୍ତି। କରୋନା କାଳରେ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ କମାଇ ଦିଆଯାଇଛି ।ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଓଡ଼ିଶା ରାଜ୍ୟ କମିଟି ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ ଯୋଗଦେଇ କହିଲେ ଯେ, କର୍ପୋରେଟ ସଂସ୍ଥାମାନଙ୍କୁ ଟିକସ ଛାଡ଼ କରାଯାଇଥିବା ବେଳେ ସାର ଉପରେ ରିହାତି ୨୫ ପ୍ରତିଶତ କମାଇ ଦିଆଯାଇଛି।

# ଓଡିଶାରେ ଗଡିବ 'ବନ୍ଦେ ଭାରତ' ଟ୍ରେନ୍



ଭୁବନେଶ୍ୱର,୩।୨(ପି.ଏନ): ସମଗ୍ର ଦେଶରେ ୪୦୦ 'ବନ୍ଦେ ଭାରତ' ଦ୍ରୁତଗାମୀ ଟ୍ରେନ୍ ଗଡିବା ନେଇ ବଜେଟ୍‌ରେ ଘୋଷଣା ହୋଇଛି। ଏଥିରେ ଓଡିଶା ରହିଛି। ଅର୍ଥାତ ଓଡିଶାରେ ମଧ୍ୟ 'ବନ୍ଦେ ଭାରତ' ଟ୍ରେନ୍ ଗଡିବ ବୋଲି ଆଜି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷନୂଆଦିଲ୍ଲୀରେ ଶ୍ରୀ ବୈଷ୍ଣବ କହିଛନ୍ତି, ରେଳ କ୍ଷେତ୍ରରେ ଓଡିଶାକୁ ରେକର୍ଡ ଅନୁଦାନ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଯେତିକି ଅନୁଦାନ ମାଗିଥିଲେ, ତାଠାରୁ ଯଥେଷ୍ଟ ଅଧିକ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ୭,୬୦୦ କୋଟି ଅନୁଦାନ ଦାବି କରିଥିବା ବେଳେ କେନ୍ଦ୍ର ଦେଇଛି ୯, ୭୩୪ କୋଟି ବୋଲି ସେ କହିଛନ୍ତି ।କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ରେଳୱେ ଇତିହାସରେ ସର୍ବାଧିକ ଅନୁଦାନ ଏଥର ଓଡ଼ିଶାକୁ ଦିଆଯାଇଛି। ଯାହାକି ୟୁପିଏ ସରକାର ଅମଳରେ ମିଳିଥିବା ଅନୁଦାନଠାରୁ ୧୦ ଗୁଣା ଅଧିକ। ୨୦୦୯ରୁ ୧୪ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ୮୩୮ କୋଟି ଅନୁଦାନ ମିଳିଥିଲା। ନରେନ୍ଦ୍ର ମୋଦି ସରକାର ଆସିବା ପରେ ୨୦୧୪ରୁ ୧୯ ମସିହା ପର୍ଯ୍ୟନ୍ତ ବର୍ଷକୁ ହରାହାରି ୪,୧୨୬ କୋଟି ଦେଲେ। ଏହାପରେ ୨୦୧୯-୨୦ରେ ୪୫୬୮ କୋଟି, ୨୦-୨୧ରେ ୫୨୯୬ କୋଟି, ୨୧- ୨୨ରେ ୬୪୭୧ କୋଟି ଟଙ୍କା ଦିଆଯାଇଥିଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।କଳହାଣ୍ଡି ରେଳ ୱାଗନ ଫ୍ୟାକ୍ଟ୍ରି ସଂପର୍କରେ ଶ୍ରୀ ଅଶ୍ୱିନୀ କହିଛନ୍ତି, ଏହି ପ୍ରକଳ୍ପ ଲାଗି ୫୦ ପ୍ରତିଶତ ଜମି ଅଧିଗ୍ରହଣ ସରିଛି। ରାଜ୍ୟ ସରକାର ବଳକା ଜମି ଯୋଗାଇ ଦେଲେ, କାମ ଆରମ୍ଭ ହେବ। ଇଚ୍ଛାଶକ୍ତି, ଜମି ଅଧିଗ୍ରହଣ, ଫରେଷ୍ଟ କ୍ଲିୟରାନ୍ସ ଓ ଅନୁଦାନ ମିଳିଲେ ପ୍ରକଳ୍ପ କାମ ଆଗେଇଥାଏ। ରାଜ୍ୟ ସରକାରଙ୍କ ସହଯୋଗ ବଢ଼ିଲେ ରେ କ୍ଷେତ୍ରରେ ଦ୍ରୁତ ବିକାଶ ହୋଇପାରିବ ବୋଲି ରେଳମନ୍ତ୍ରୀ କହିଛନ୍ତି ।ଏଥର ବଜେଟ୍‌ରେ ନୂଆ ରେଳ ଲାଇନ ବାବଦକୁ ୧୮୦୬ କୋଟି, ଡବ୍ଲିଂ ଲାଗି ୩, ୬୪୩ କୋଟି, ଟ୍ରାକ୍ ରିନ୍ୟୁଆଲ୍ ପାଇଁ ୪୫୬ କୋଟି, ରେଲ୍ ଓଭର୍ବ୍ରିଜ୍ ପାଇଁ ୩୯୬ କୋଟି, ଇଲେକଟ୍ରିକ୍ ୱାର୍କ ଲାଗି ୬୫୬ କୋଟି, ଲିଜ୍ ? ଚାର୍ଜ ବାବଦକୁ ୮୯୩ କୋଟି, ଯାତ୍ରୀଙ୍କ ସୁବିଧା ଲାଗି ୩୦୪ କୋଟି ମିଳିଛି ।ସେହିପରି ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ ପାଇଁ ସର୍ବାଧିକ ୮୯୧ କୋଟି ଟଙ୍କା ଦିଆଯାଇଥିବା ବେଳେ ସମ୍ବଲପୁର-ଗୋପାଳପୁର ଭାୟା ଫୁଲବାଣୀ ରେଳ ଲାଇନକୁ ମଂଜୁରୀ ମିଳିଛି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରୁ ଅନୁଗୋଳ-ସୁକିନ୍ଦା ପାଇଁ ୪୭୫ କୋଟି ଓ ତାଳଚେର-ବିମଳାଗଡ଼ ପ୍ରକଳ୍ପ ପାଇଁ ୨୫୦ କୋଟି ଅନୁଦାନ ଦିଆଯାଇଛି।

## ଦଳିତ ଆଦିବାସୀଙ୍କ ପାଇଁ ନୈରାଶ୍ୟଜନକ : ସରକାରଙ୍କ ଆଭିମୁଖ୍ୟ ପରିବର୍ତ୍ତନ ପାଇଁ ଆମ୍ବେଦକର ଲୋହିଆ ବିଚାରମଂଚ ପକ୍ଷରୁ ଦାବୀ

ଭୁବନେଶ୍ୱର, ୩।୨(ପି.ଏନ): ଗତ ଫେବୃୟାରୀ ୧ ତାରିଖ ଦିନ ଦେଶର ଅର୍ଥମନ୍ତ୍ରୀ କେନ୍ଦ୍ରୀୟ ବଜେଟ ୨୦୨୨-୨୩ ସଂସଦରେ ଆଗତ କରିଛନ୍ତି। ଏହି ବଜେଟ ଦେଶର ପ୍ରାୟ ୩୫କୋଟି ଦଳିତ ଆଦିବାସୀଙ୍କ ପାଇଁ ନୈରାଶ୍ୟଜନକ ଓ ଏହି ବର୍ଗ ପାଇଁ ଉଦ୍ଦିଷ୍ଟ ବିକାଶ ନୀତିର ପରିପନ୍ଥୀ ଏବଂ ସେଥିପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବୋଲି ରାଜ୍ୟର ଅଗ୍ରଣୀ ଗଣସଂଗଠନ ଆମ୍ବେଦକର ଲୋହିଆ ବିଚାରମ ପକ୍ଷରୁ କୁହାଯାଇଛି । ସଂସଦରେ ଆଲୋଚନା କାଳରେ ଏଥିରେ ଯଥାଯଥ ସଂଶୋଧନ କରିବାକୁ ୯ ଦଫା ପ୍ରସ୍ତାବ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି ।ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ 'ଏନ୍‌ସିଡ଼ିଏଚ୍‌ଆର ଓ ଦଳିତ ଆର୍ଥିକ ଅଧିକାର ଆନ୍ଦୋଳନ' ପକ୍ଷରୁ କରାଯାଇଥିବା 'ଦଳିତ ଆଦିବାସୀ ବଜେଟ ବିଶ୍ଲେଷଣ ରିପୋର୍ଟ-୨୦୨୨'କୁ ଲୋକାର୍ପଣ କରାଯାଇ ଚଳିତବର୍ଷ ବଜେଟରେ ରହିଥିବା ଅସଙ୍ଗତିଗୁଡ଼ିକ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ପ୍ରାଥମିକସ୍ତରରେ ମୋଟ ସରକାରୀ ଖର୍ଚ୍ଚ ୩୯.୪୪ ଲକ୍ଷ କୋଟି ଟଙ୍କା ଦର୍ଶାଯାଇଥିଲା ବେଳେ ବିଭିନ୍ନ ପବ୍ଲିକ ଏଂଟରପ୍ରାଇଜରେ ୪.୬୯ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଦଳିତ ଓ ଆଦିବାସୀବର୍ଗଙ୍କ ତ୍ୱରିତ ବିକାଶ ପାଇଁ ଅଭିପ୍ରେତ ଅନୁସୂଚିତ ଜାତି ମଙ୍ଗଳ ଆବ ନ ଓ ଅନୁସୂଚିତ ଜନଜାତି ମଙ୍ଗଳ ଆବଂଟନ ଯଥାକ୍ରମେ ୧,୪୨,୩୪୨ କୋଟି ଓ ୮୯,୨୬୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଏହି ବଜେଟରେ ଆଗତ କରାଯାଇଛି। ସାମଗ୍ରିକ ଭାବରେ ଦଳିତ ଆଦିବାସୀ ବଜେଟ ଗତବର୍ଷ ତୁଳନାରେ ମୋଟ ୨୫,୪୦୬ କୋଟି ଟଙ୍କା ବୃଦ୍ଧି ଘଟିଥିଲା ବେଳେ ବ୍ୟୟବରାଦ କରାଯାଇଥିବା ଅର୍ଥର ୬୨% ଓ ୫୧% ଅର୍ଥ ଯଥାକ୍ରମେ ଏସ୍.ସି. ଓ ଏସ୍.ଟିମାନଙ୍କର ସିଧାସଳଖ ବିକାଶ ପାଇଁ ଉପଯୋଗୀ ନହୋଇ ସାଧାରଣ ସ୍କିମ୍‌ଗୁଡ଼ିକରେ ବିନିଯୋଗ ହେବାର ପ୍ରସ୍ତାବ ଏହି ଦୁଇବର୍ଗ ମଧ୍ୟରେ ନିରାଶା ସୃଷ୍ଟି କରିଛି ।ବିବରଣୀରୁ ଜଣାଯାଏ ଯେ, ନୀତି ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏସ୍.ସି. ଓ ଏସ୍.ଟିମାନଙ୍କ ପାଇଁ ଯେତିକି ପରିମାଣର ବ୍ୟୟବରାଦ କରାଯିବା କଥା, ସେଥିରୁ ଯଥାକ୍ରମେ ୪୦,୬୩୪ କୋଟି ଟଙ୍କା ଓ ୯,୩୯୯ କୋଟି ଟଙ୍କା କମ୍ ଅର୍ଥର ପ୍ରସ୍ତାବ ଚଳିତବର୍ଷ ବଜେଟରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୫ବର୍ଷ ମଧ୍ୟରେ ଏହି ଗାଇଡ଼ଲାଇନ ଅନୁଯାୟୀ ଏସ.ସି.ମାନଙ୍କ ଆବଂଟନରୁ ୨,୫୨,୧୮୧କୋଟି ଟଙ୍କା ଓ ଏସ୍.ଟି. ଆବ ନରୁ ୮୯,୯୭୨ କୋଟି ଟଙ୍କା କମ୍ ଅର୍ଥ ବଜେଟରେ ବ୍ୟବସ୍ଥା କରାଯାଇଛି। ଗତବର୍ଷର କୋଭିଡ଼ ମହାମାରୀରେ ଭୟଙ୍କର ଭାବରେ ପ୍ରଭାବିତ ହୋଇଥିବା ଦଳିତ ଆଦିବାସୀବର୍ଗଙ୍କ ମହାମାରୀ ଜନିତ ପ୍ରଭାବ ପ୍ରଶମିତ କରିବା ପାଇଁ କୌଣସି ଗୋଟିଏ ନୂତନ ଯୋଜନା ଘୋଷଣା ବା ପ୍ରସ୍ତାବନା କରାଯାଇ ନାହିଁ; ଅପରପକ୍ଷରେ ସଫେଇ କର୍ମଚାରୀମାନଙ୍କ ଆତ୍ମନିଯୁକ୍ତି ଓ ଥଇଥାନ ପାଇଁ ଗତବର୍ଷ ୧୦୦କୋଟି ଟଙ୍କା ରହିଥିଲା ବେଳେ ଚଳିତବର୍ଷ ୭୦କୋଟି ଟଙ୍କାକୁ ହ୍ରାସ କରାଯାଇଛି ଏବଂ ସଫେଇ କର୍ମଚାରୀ ଉନ୍ନୟନ ଅର୍ଥ ନିଗମ ବାବଦକୁ ଗତବର୍ଷ ୫୦କୋଟି ଟଙ୍କାରୁ ୨୫ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ପ୍ରକାଶଯୋଗ୍ୟ ଯେ, ୨୦୨୧ ମସିହା ଅଗଷ୍ଟମାସ ସୁଦ୍ଧା ୯୪୧ଜଣ ବ୍ୟକ୍ତି ସ୍ୱରେଜ ସଫେଇ ସମୟରେ ମୃତ୍ୟୁବରଣ କରିଛନ୍ତି ।ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବରାଦ ଦର୍ଶାଯାଇଥିଲା ବେଳେ ସେଥିରୁ ୪୮୨୦ କୋଟି ଟଙ୍କା ଏସ୍.ସି, ଏସ୍.ଟି ଛାତ୍ରଛାତ୍ରୀଙ୍କ ସିଧାସଳଖ ବିକାଶ ଦିଗରେ ବିନିଯୋଗ ହେବନାହିଁ କିନ୍ତୁ ତାହା ଏସ୍.ସି ଓ ଏସ୍.ଟି ମଙ୍ଗଳ ଆବଂଟନରେ ଦର୍ଶାଯାଇଛି। ଏସ୍.ସି., ଏସ୍.ଟି ଛାତ୍ରଛାତ୍ରୀଙ୍କ ବିଦେଶରେ ଶିକ୍ଷା ପାଇଁ ୩୬କୋଟି, ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ୩୬କୋଟି, ଜାତୀୟ ମେରିଟ ସ୍କଲାରସିପ୍ ପାଇଁ ୬୬କୋଟି ଓ କଲେଜ ତଥା ବିଶ୍ୱବିଦ୍ୟାଳୟ ସ୍କଲାରସିପ୍ ପାଇଁ ୩୦କୋଟି ଟଙ୍କା ପ୍ରସ୍ତାବ ରହିଥିଲା ବେଳେ ଏସ୍.ଟି ଛାତ୍ରଛାତ୍ରୀଙ୍କ ପାଇଁ ଯଥାକ୍ରମେ ୪ କୋଟି ଟଙ୍କା, ୧୭ କୋଟି ଟଙ୍କା, ୩୬ କୋଟି ଓ ୨୦ କୋଟି ଟଙ୍କାର ବ୍ୟୟବରାଦ ଏହି ବର୍ଗର ତ୍ୱରିତ ବିନାଶ ସାଧିତ ହେବା ନେଇ ଆଶଙ୍କା ସୃଷ୍ଟି କରିଛି ।ବିଚାରମଂଚର ସଭାପତି ସଂଗ୍ରାମ ମଳିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଦଳିତ ଆଦିବାସୀବର୍ଗର ବିଭିନ୍ନ ସଂଗଠନ ଓ ନେତୃତ୍ୱମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ହାବଡ଼ା, ଅଭିରାମ ମଲ୍ଲିକ, ଲକ୍ଷ୍ମୀଧର ବେହେରା, ହଳଧର ସେଠୀ, ନନ୍ଦିନୀ ନାଏକ, ତପନ ନାଏକ, ସୁନାକର ବେହେରା, ଅଭିମନ୍ୟୁ ସେଠୀ, ଅରବିନ୍ଦ ମଲ୍ଲିକ, ମଧୁସ୍ମିତା ବେହେରା, ସଞ୍ଜୟ ମଳିକ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନାରୁ ସୁସ୍ଥ ହେଲେ ୭୪୮୭

ଭୁବନେଶ୍ୱର, ୩।୨(ପି.ଏନ): ରାଜ୍ୟରେ ଗୁରୁବାର ୭୪୮୭ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୨୨ହଜାର ୮୬୭ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୪୬୬ ଜଣ ଓ ନୂଆପଡ଼ା ଜିଲ୍ଲାରୁ ୫୫୧ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୪୭୯, ସୁନ୍ଦରଗଡ଼ରୁ ୪୨୬, ବାଲେଶ୍ୱରରୁ ୩୦୨, ଯାଜପୁରରୁ ୨୧୭, କେନ୍ଦୁଝରରୁ ୨୧୬, ନୟାଗଡ଼ରୁ ୧୯୧, ସମ୍ବଲପୁରରୁ ୧୭୯, କୋରାପୁଟରୁ ୧୬୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି କଳାହାଣ୍ଡିରୁ ୧୪୫, ବଲାଙ୍ଗୀରରୁ ୧୩୯, ମୟୂରଭଂଜରୁ ୧୩୪, ବରଗଡ଼ରୁ ୧୨୯, ଜଗତସିଂହପୁରରୁ ୧୨୩, ନବରଂଗପୁରରୁ ୧୧୯, ଅନୁଗୁଳରୁ ୧୧୦, ଢେଙ୍କାନାଳରୁ ୧୦୮, ପୁରୀରୁ ୧୦୫, ଭଦ୍ରକରୁ ୯୩, ଦେବଗଡ଼ରୁ ୮୯, ସୁବର୍ଣ୍ଣପୁରରୁ ୮୪, ଗଂଜାମରୁ ୮୦, କନ୍ଧମାଳରୁ ୭୪, ରାୟଗଡ଼ାରୁ ୬୭, ଝାରସୁଗୁଡ଼ାରୁ ୬୬, କେନ୍ଦ୍ରାପଡ଼ାରୁ ୬୦, ବୌଦ୍ଧରୁ ୪୪, ମାଲକାନଗିରିରୁ ୩୮ ଓ ରାଜ୍ୟପୁଲରୁ ୪୮୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।





# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିହାର କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିହାରର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଚେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୌସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**: ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଅନୁତପ୍ତ ନେସ୍‌ଲେ

**ମ୍ୟା**ଗି, କ୍ଷୀର ପାଉଡର ଓ ମଂଚ ଚକୋଲେଟ୍ ଭଳି ଦୈନିକ ଉପଯୋଗୀ ଜିନିଷ ତିଆରି କରୁଥିବା କମ୍ପାନୀ ହେଉଛି ନେସ୍‌ଲେ ଇଣ୍ଡିଆ। ନେସ୍‌ଲେର ଭାରତୀୟ କମ୍ପାନୀ କିଟକାଟ୍ ପ୍ୟାକେଟ ଉପରେ ଭଗବାନ ଶ୍ରୀଜଗନ୍ନାଥ ଓ ଅନ୍ୟ ସବୁ ଫଟୋକୁ ନେଇ ସୋସିଆଲ ମିଡ଼ିଆରେ ଗ୍ରାହକମାନଙ୍କର ଅସନ୍ତୁଷ୍ଟ ଦେଖିବାକୁ ମିଳିଥିଲା । କୋଟି କୋଟି ହିନ୍ଦୁଙ୍କର ଆରାଧ ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ପ୍ରତିଟି ହିନ୍ଦୁଙ୍କର ହୃଦୟରେ ବାସ କରନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଚର୍ଚ୍ଚା ହେଉଥିଲା ଜାଣିଶୁଣି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଥିଲା ଏହି କମ୍ପାନୀ। ନେସଲେରେ ଚ୍‌କଲେଟ୍ ପ୍ରଡକ୍ଟ କିଟ୍‌କାଟ୍ ରାପରରେ ପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ଫଟୋଚ୍ଚିତ୍ର ଛାପିଥିଲା। ମାର୍କେଟକୁ ଏହି ଚ୍‌କଲେଟ୍ ଆସିବା ପରେ, ଚ୍‌କଲେଟ୍ ରାପରକୁ ନେଇ ବିବାଦ ତେଜିବାର ଲାଗିଥିଲା। ନେସ୍‌ଲେ କମ୍ପାନୀର କିଟକାଟ୍ ଚ୍‌କଲେଟ୍‌ର ଏହିପରି ଏକ ଉଦ୍ଭଟ ବିଜ୍ଞାପନକୁ ନେଇ ସମଗ୍ର ଜଗନ୍ନାଥପ୍ରେମୀ ଖପ୍ପା ହୋଇଛନ୍ତି। ତୁରନ୍ତ ଚ୍‌କଲେଟର ରାପରରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚ୍ଚିତ୍ର



ଭଗବାନଙ୍କ ଫଟୋ ଥିଲା, ସେମାନେ ବଜାରରୁ ସେହିସବୁ ଡବାକୁ ଫେରାଇ ନେଇଯାଇଛନ୍ତି। କମ୍ପାନୀ ପ୍ରବକ୍ତା କହିଛନ୍ତି, 'ଆମେ ଘଟଣାର ସମ୍ବେଦନଶୀଳତାକୁ ବୁଝୁଛୁ । ଯଦି ଆମ ଅଜାଣତରେ ଆମେ କାହାରି ଧାର୍ମିକ ଭାବନାକୁ କଷ୍ଟ ଦେଇଛୁ, ତା'ହେଲେ ଆମେ ଅନୁତପ୍ତ। ଆମେ ଗତବର୍ଷ ହିଁ ସେସବୁ ପ୍ୟାକେଟ୍ ବଜାରରୁ ଫେରାଇ ନେଇଛୁ।

ନେସ୍‌ଲେ ଇଣ୍ଡିଆ ଅନୁସାରେ, ପ୍ୟାକେଟରେ କୌଣସି ରାଜ୍ୟର ଦେବାଦେବୀ, ଫଟୋଚିତ୍ର କିମ୍ବା କେଉଁ ଦର୍ଶନୀୟ ସ୍ଥାନକୁ ଚିତ୍ରିତ କରିବା କାହାକୁ ଆଘାତ ଦେବା ଉଦ୍ଦେଶ୍ୟରେ ନୁହେଁ । ଏହାର ଉଦ୍ଦେଶ୍ୟ ବିଭିନ୍ନ ଦେଶର ସୁନ୍ଦର ଦର୍ଶନୀୟ ସ୍ଥାନକୁ ଦର୍ଶକଙ୍କ ପାଖରେ ପହଂଚାଇବା। ସେଥିପାଇଁ ଡବାରେ ପଟ୍ଟଚିତ୍ର ଜରିଆରେ ଓଡିଶାର ସଂସ୍କୃତିକୁ ଦର୍ଶାଇଥିଲେ। ଗତବର୍ଷ ଏପ୍ରିଲରେ କମ୍ପାନୀ ନିଜ କିଟକ୍ୟାଟ୍ ପ୍ୟାକେଟରେ ମଣିପୁରର କାବୁଲ ଲାମାଜାଓ ରାଷ୍ଟ୍ରୀୟ ଉଦ୍ୟାନକୁ ମେଘାଳୟରେ ଦେଖାଇଥିବାରୁ କ୍ଷମା ମାଗିଥିଲେ ।

ତେବେ ହିନ୍ଦୁ ଦେବାଦେବୀଙ୍କୁ ନେଇ ବିଜ୍ଞାପନର ନୂଆ ଫଣ୍ଡା ବାହାର କରିବା ଏହା ପ୍ରଥମ ଘଟଣା ନୁହେଁ।



ଉଠାଇବା ପାଇଁ ନେସ୍‌ଲେ କମ୍ପାନୀକୁ ଘନଘନ ଟୁଇଟ୍ କରି ଚାଲିଥିଲେ ଭଗବତପ୍ରେମୀ। କାରଣ ଚ୍‌କଲେଟ୍ ଖାଇବା ପରେ ରାସ୍ତାଘାଟ, ନାଳନର୍ଦ୍ଦମା ଓ ଡଷ୍ଟବିନ୍‌ରେ ପଡିବ ରାପର। ଯାହାକି କୋଟି କୋଟି ଓଡିଆଙ୍କ ଆରାଧଦେବତାଙ୍କୁ ଅପମାନ ହେବା ସହ ହିନ୍ଦୁଧର୍ମାଲମ୍ବୀଙ୍କ ଭାବନାକୁ କୁଠାରାଘାତ କରିବ। ସାଧାରଣ ଲୋକଙ୍କ ଭାବାବେଗ ଓ ଅଭିଯୋଗ ପରେ କମ୍ପାନୀ ଚେତିଛି। ଜଗନ୍ନାଥଙ୍କ ପ୍ରତିଛବି ଥିବା କିଟକାଟ୍ ରାପର ପ୍ରଡକ୍ଟନ୍ ଉପରେ କମ୍ପାନୀ ରୋକ ଲଗାଇଛି। ଏପରିକି ଜଗନ୍ନାଥପ୍ରେମୀଙ୍କୁ ଟ୍ୱିଟ୍ କରି ଭୁଲ ମଧ୍ୟ ମାଗିଛି। ଅଜାଣତରେ ଲୋକଙ୍କ ଭାବାବେଗକୁ ଆଘାତ ପହଂଚାଇଥିବାରୁ କମ୍ପାନୀ ମର୍ମାହତ ବୋଲି କହିଛି। ମାର୍କେଟରେ ଜଗନ୍ନାଥଙ୍କ ରାପର ସହ ଥିବା ସମସ୍ତ ଚ୍‌କଲେଟ୍‌କୁ ଆଉ ବିକ୍ରୀ ନକରି ଫେରାଇ ଆଣିବାକୁ ମଧ୍ୟ ନିର୍ଦ୍ଦେଶ ଦିଆସରିଥିବା ନେସଲେ ପକ୍ଷରୁ ସଫେଇ ଦିଆଯାଇଛି। ଓଡିଶାର ହସ୍ତକଳା ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଭୁବନେଶ୍ୱର ୟୁନିଟ୍-୩ରେ ଖୋଲାଯାଇଛି ଏକାମ୍ର ହାଟ। ଆଉ ଏହି ହାଟରେ ବିକ୍ରୀ ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାନାଦି ପଟ୍ଟଚ୍ଚିତ୍ର। ଏକଚ୍ଚା କେଟିଲୀ ଉପରେ ପଟ୍ଟଚ୍ଚିତ୍ର ଶୈଳୀରେ ଚ୍ତୁର୍ଦ୍ଧାମୂର୍ତୀଙ୍କ ପ୍ରତିଛବିକୁ ଆଙ୍କିଛନ୍ତି ଜଣେ କଳାପ୍ରେମୀ। ଯାହାର ଛବିଟିକୁ ନେସଲେ କମ୍ପାନୀ ତାର ଲୋକପ୍ରିୟ ଚ୍‌କଲେଟ୍ କିଟକାଟ୍ ରାପରରେ ସ୍ଥାନ ଦେଇଥିଲା। ଗୋଟିଏ ପଟେ ବ୍ୟବସାୟ, ଅନ୍ୟପଟେ ଲୋକଙ୍କୁ ଓଡିଶାର ହସ୍ତକଳା ବିଷୟରେ ଜଣାଇବା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ଛବିକୁ ବ୍ୟବହାର କରାଯାଇଥିବା କମ୍ପାନୀ ପକ୍ଷରୁ ଟୁଇଟ୍ କରାଯାଇଛି। ଗତ କିଛିଦିନ ହେଲା ଏହାକୁ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହି ଘଟଣା ପରେ ନେସ୍‌ଲେ ଇଣ୍ଡିଆ ଏହାଉପରେ ପଶ୍ଚାତାପ କରି କହିଛନ୍ତି ଯେ, ଯେଉଁଥିରେ

କେବେ ଟି-ସାର୍ଟରେ ତ ଆଉ କେବେ ଚ୍ପଲରେ ମଧ୍ୟ ହିନ୍ଦୁ ଦେବାଦେବୀଙ୍କ ପ୍ରତିଛବି ରହିଥିବା ଦେଖିବାକୁ ମିଳିଛି। ଏପରିକି ଟଏଲେଟ୍ ସିଟ୍ କଭରରେ ମଧ୍ୟ ଦେବାଦେବୀଙ୍କ ପ୍ରତିଛବି ରଖି ଆମାଜନ୍ ଇ-କମର୍ସ ସଂସ୍ଥାକୁ ଭୁଲ ମାଗିବାକୁ ପଡିଥିଲା। ତେବେ ଦେବାଦେବୀଙ୍କୁ ବିଜ୍ଞାପନରେ କାହିଁକି ବ୍ୟବହାର କରାଯାଉଛି, ତାକୁ ନେଇ ପ୍ରଶ୍ନ ଉଠୁଛି।

ଅଭିବ୍ୟକ୍ତି ସ୍ୱାଧୀନତା ଆଳରେ ଅନେକ ବ୍ୟକ୍ତି ହିନ୍ଦୁ ଦେବାଦେବୀଙ୍କୁ ଅସମ୍ମାନିତ କରିବାକୁ ପଛାଉନାହାଁନ୍ତି । ଯେଉଁମାନେ ଏପରି କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେଉନାହିଁ। କୌଣସି ଧର୍ମ ବିରୋଧରେ କହିବା, ଦେବାଦେବୀଙ୍କୁ ଅସମ୍ମାନ କରିବା ଠିକ୍ ନୁହେଁ। କାଳିଚରଣ ମହାରାଜ ବିବାଦୀୟ ବକ୍ତବ୍ୟ ଦେଇଥିବାରୁ ଗିରଫ ହେଲେ; କିନ୍ତୁ ହିନ୍ଦୁ ଓ ହିନ୍ଦୁତ୍ୱ ବିରୋଧରେ ଅନେକ ଥର ବିବାଦୀୟ ବକ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଠାରେ ରାଷ୍ଟ୍ରପ୍ରେମୀ ନାଗରିକ ଏବଂ ସାଧୁସନ୍ଥମାନଙ୍କ ପାଇଁ ଗୋଟିଏ ଆଇନ୍ ଥିବା ବେଳେ ଅନ୍ୟମାନଙ୍କ ପ୍ରତି ତାହା ଲାଗୁ ହେଉନାହିଁ। ହିନ୍ଦୁ ଦେବାଦେବୀଙ୍କର ନଗ୍ନଚିତ୍ର ଆଙ୍କିଥିବା ଏମ୍ ଏଫ୍ ହୁସେନଙ୍କୁ ଆମ ଦେଶରେ ପୁରସ୍କୃତ କରାଯାଇଛି । ମୁନାଓ୍ୱାର ଫାରୁକି ପରି କଳାକାରକୁ ଏଠାରେ ସମର୍ଥନ ମିଳୁଛି । କ'ଣ ପାଇଁ ଏସବୁ ହେଉଛି ? ଏବେ ହିନ୍ଦୁ ଚେତିଲେଣି, ଜାଗ୍ରତ ହେଲେଣି । ଯେଉଁଥିପାଇଁ କି କୋଟି କୋଟି ହିନ୍ଦୁଙ୍କର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଫଟୋ ଥିବା ଲୋକପ୍ରିୟ ଚକୋଲେଟ୍ ବ୍ରାଣ୍ଡ କିଟ୍‌କାଟ୍‌କୁ ବଜାରରୁ ଫେରେଇ ନେଇଛି 'ନେସ୍‌ଲେ'।

**ଗୋଲଖ ଚନ୍ଦ୍ର ଦାସ**, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

## ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ୯ଦିନରେ ପହଞ୍ଚିଲା ଗଣଧାରଣା



ଚଣ୍ଡିଖୋଲ (ପିଏନ୍)-ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ପଂଚାୟତ ନୂଆସୁଙ୍ଗୁଡ଼ା ଗ୍ରାମର ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ଆଜି ସୁଧା ୯ ଦିନରେ ପହଂଚିଛି ଗଣଧାରଣା। ନୂଆସୁଙ୍ଗୁଡ଼ା ଗ୍ରାମ କମିଟିର ସଭାପତି ପ୍ରସନ୍ନ ମାହାଲା, ସମ୍ପାଦକ କୁଳମଣୀ ନାୟକ, ଉପସଭାପତି ମାନଗୋବିନ୍ଦ ଦାଶ, ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ନାୟକ, ଲୋକନାଥ ସେନାପତି, ଆଇନଜୀବୀ ପ୍ରଦୀପ ନାୟକ, ଦିନବନ୍ଧୁ ନାୟକ, ଯୁବନେତା ବନମାଳି ସେନାପତି, ଦୁଷ୍ମନ୍ତ ସ୍ୱାଇଁ, ହେମନ୍ତ ନାୟକ, ରମାକାନ୍ତ ପଣ୍ଡା, ନବନିର୍ମାଣ କୃଷକ ସଂଘର ଯାଜପୁର ଜିଲ୍ଲା ସଂଯୋଜକ ଦୁର୍ଗାପ୍ରସନ୍ନ ଦାସ, ବ୍ଲକ ସଂଯୋଜକ ନଗେସ ଜେନା ସମେତ ଗ୍ରାମର କଲେଜ ଛାତ୍ର ଓ ଗ୍ରାମବାସୀମାନେ ଧାରଣାରେ ନୂଆସୁଙ୍ଗୁଡ଼ାସ୍ଥ ଶିବ ମନ୍ଦିର ସମ୍ମୁଖରେ ବସିଥିଲେ। ୧୮୭୬ ମସିହାରେ ୫ଟି ପରିବାର ନୂଆସୁଙ୍ଗୁଡ଼ାରେ ବସବାସ କରୁଥିଲେ। ଆଜି ସୁଧା ସେଠାରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି। ସେଠାରେ ଜନ କଲ୍ୟାଣ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ, ନିଆଁଲିଭା କେନ୍ଦ୍ର, ଆଂଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସମେତ ୧୩୨ ଗ୍ରିଡ଼ର ବିଦ୍ୟୁତ ସେବା ରହିଛି। ଦୀର୍ଘ ବର୍ଷ ପୂର୍ବରୁ ଗ୍ରାମର ଉତ୍ସାହିମାନେ ବାରମ୍ବାର ନୂଆସୁଙ୍ଗୁଡ଼ାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ଦାବି କରି ଆସୁଥିଲେ ମଧ୍ୟ ତାହା ଆଜିପର୍ଯ୍ୟନ୍ତ ରାଜ୍ୟସରକାର ଘୋଷଣା କରିପାରି ନାହାଁନ୍ତି। ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ଗତ ଜାନୁୟାରୀ ୨୬ଠାରୁ ଆଜିପର୍ଯ୍ୟନ୍ତ ଶିବ ମନ୍ଦିର ସମ୍ମୁଖରେ ଧାରଣା ଦେଇଛନ୍ତି। ଦୀର୍ଘ ୯ ଦିନ ଧରି ଏଭଳି ଧାରଣା ଚାଲୁଥିବା ସମୟରେ ଯାଜପୁର ଜିଲ୍ଲା ପ୍ରଶାସନ, ଦର୍ପଣ ତହସିଲ ପ୍ରଶାସନ ଓ ବଡ଼ଚଣା ଥାନା ପ୍ରଶାସନ ସେଠାରେ ପହଁଚିବାର ଦେଖାଯାଉ ନାହିଁ। ଗ୍ରାମବାସୀଙ୍କର ଦାବି ଥିଲା ନୂଆସୁଙ୍ଗୁଡ଼ାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଉ ନଚେତ ଆମେ ଗ୍ରାମବାସୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବୁ। ସରକାରୀ ଦପ୍ତରରୁ ଯଦି ଏଥିପ୍ରତି ଦୃଷ୍ଟି ନପଡ଼େ ତାହାହେଲେ ଗ୍ରାମ୍ୟବାସୀଙ୍କ ପକ୍ଷରୁ ଏଠାରେ ଆମରଣ ଅନଶନ କରାଯିବା ପାଇଁ ଧମକ ଦେଇଛନ୍ତି।

# ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କେନ୍ଦ୍ରାପଡା କୋର୍ଟ ପରିଦର୍ଶନ




କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଡ଼ଃ. ଏସ୍ ମୁରଲୀଧର ଗତ ଶନିବାର ଏକ ଦିନିକିଆ ଗସ୍ତରେ ଆସି କେନ୍ଦ୍ରାପଡାର ବିଚାର ବିଭାଗୀୟ କାର୍ଯ୍ୟାଳୟଗୁଡିକ ପରିଦର୍ଶନ କରିଥିଲେ । ଏଥିସହିତ ଜଷ୍ଟିସ ମୂରଲୀଧର ଜିଲ୍ଲାର ବିଚାର ବିଭାଗୀୟ ବ୍ୟବସ୍ଥା ଓ ମାମଲାଗୁଡିକର ମଧ୍ୟ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ସମୟରେ ଜିଲ୍ଲା ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଏବଂ ଜିଲ୍ଲାର ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହାପରେ ମୁଖ୍ୟ ବିଚାରପତି ଜଷ୍ଟିସ ମୁରଲୀଧର କେନ୍ଦ୍ରାପଡା ପୁରୁଣା ଅଦାଲତ ପରିସରରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ଜିଲ୍ଲାର ଯୁବ ଓକିଲମାନେ ଅଧିକରୁ ଅଧିକ ଅଧ୍ୟୟନ କରିବା ସହ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଅଦାଲତରେ ମକଦ୍ଦମା ଚଳାଇବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଓକିଲ ସଙ୍ଘ ଗୁଣାତ୍ମକ ଆଇନଜୀବୀ ସୃଷ୍ଟି କରିବା ଆବଶ୍ୟକ ଯାହା ଫଳରେ ସେମାନେ ପ୍ରବେଶିକା ପରୀକ୍ଷା ଦେଇ ସିଧାସଳଖ ଜିଲ୍ଲାଜଜ ହୋଇ ଜିଲ୍ଲାର ସୁନାମ ବୃଦ୍ଧି କରିପାରିବେ ବୋଲି ମୁଖ୍ୟ ବିଚାରପତି କହିଥିଲେ। ଏହାବ୍ୟତିତ ସବୁ ଓକିଲବନ୍ଧୁ ଓ ବିଚାର ବିଭାଗୀୟ ଅଧିକାରୀମାନେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ବିଶେଷ କରି ସୋସିଆଲ ମିଡିଆ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ଉଚିତ ବୋଲି ସେ କହିଥିଲେ । ରାଇଟ୍ ଅଫ୍ ପ୍ରାଇଭେସିର ସୁରକ୍ଷା ଉପରେ ମୁଖ୍ୟ ବିଚାରପତି ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଓକିଲ ସଂଘର ସଭାପତି ଆଇନଜୀବୀ ଆଶୁତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସଙ୍ଘର ସମ୍ପାଦକ ସେକ୍ ଅଜିମୁଦ୍ଦିନ୍ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଜୀତେନ୍ଦ୍ରେ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲା ଦୌରାଜଜ ଅଜୟ ପ୍ରଧାନ ମଞ୍ଚାସୀନ ଥିଲେ। ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ ମୁଖ୍ୟ ବିଚାରପତିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାରେ ନୂତନ ଭିଜଲାନ୍ସ କୋର୍ଟ, ଲେବର କୋର୍ଟ ଏବଂ ଏମ.ଏ.ସି.ଟି. କୋର୍ଟ(ସ୍ୱାଧୀନ) ପ୍ରତିଷ୍ଠା କରାଯିବା ପାଇଁ କରିଥିବା ଦାବି



ସହିତ ମୁଖ୍ୟ ବିଚାରପତି ସହମତି ପ୍ରକାଶ କରିଥିଲେ। ଏଥିସହିତ ଓକିଲ ସଙ୍ଘର ଏକ ନୂତନ ଗୃହ ଏବଂ ତତ୍ ସମ୍ପର୍କିତ ସରଞ୍ଜାମ ଯୋଗାଇଦେବାକୁ ମୁଖ୍ୟ ବିଚାରପତି ପ୍ରତିଶୃତି ଦେଇଥିଲେ । ଅନ୍ୟାମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ଜେନା, ବିଚିତ୍ରାନନ୍ଦ ମହାନ୍ତି, ଉମେଶ ଚନ୍ଦ୍ର ସିଂହ, ଅକ୍ଷୟ କୁମାର ମହାନ୍ତି, ଗଗନବିହାରୀ ଜେନା, ଦେବଦାସ ମହାନ୍ତି, ଧିରେନ ସାହୁ, ସରୋଜରାଜ ସିଂହ, ପ୍ରଭାତ ଅଧିକାରୀ, ଆଶିଷ ସେନାପତି, ଗୋବର୍ଦ୍ଧନ ରାଉତ, ରଞ୍ଜନ ପଣ୍ଡାଙ୍କ ସମେତ ସଙ୍ଘର କର୍ମ କର୍ତ୍ତା ଓ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ ।

# କର୍ପୋରେଟ୍ ସପକ୍ଷବାଦୀ କେନ୍ଦ୍ର ବଜେଟ୍

ଭୁବନେଶ୍ୱର (ପିଏନ୍): ମହାମାରୀ କୋଭିଡ୍ ଯୋଗୁଁ ନିଯୁକ୍ତି ହ୍ରାସ, କଳକାରଖାନା ଓ ଖଣିଖାଦାନ ବନ୍ଦ ଏବଂ ଆର୍ଥିକ କାର୍ଯ୍ୟକଳାପ ବ୍ୟାପକ ହ୍ରାସ ଯୋଗୁଁ ଜନଗଣ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆଗତ କେନ୍ଦ୍ର ବଜେଟ୍ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ବୃହତ୍ ଦେଶୀ ବିଦେଶୀ ପୁଞ୍ଜିପତି ଓ କର୍ପୋରେଟ୍ ସ୍ୱାର୍ଥର ସୁରକ୍ଷା ପାଇଁ ପଦକ୍ଷେପ ନେଇଛି । କର୍ପୋରେଟ୍ ସଂସ୍ଥାମାନେ ଟିକସ ଫାଙ୍କୁଥିବାବେଳେ କର୍ପୋରେଟ୍ ଟିକସ ଉପରେ ଥିବା ସରଚାର୍ଜକୁ ୧୨%ରୁ ୭% କମାଇ ଦିଆଯାଇଛି । ଧନୀକ ଗୋଷ୍ଠୀକୁ ସାହାଯ୍ୟ କରିବା ପାଇଁ ଦାଖଲ କରିଥିବା ଆୟକର ରିଟର୍ଣ୍ଣରେ ସଂଶୋଧନ ଆଣିବା ପାଇଁ ୨ ବର୍ଷର ଅଧିକ ମିଆଦ ଦିଆଯାଇଛି । ଦେଶର ରାଷ୍ଟ୍ରାୟତ୍ତ ୪୧ଟି ପ୍ରତିରକ୍ଷା ଉତ୍ପାଦନ ସଂସ୍ଥାକୁ ୭ଟି କର୍ପୋରେସନ୍‌ରେ ପରିଣତ କରି ଘରୋଇ ମାଲିକାନା ହାତକୁ ଟେକି ଦେବା ପାଇଁ ନିଷ୍ପତ୍ତି ପରେ ପ୍ରତିରକ୍ଷା ସାମଗ୍ରୀର ୬୮% ଆଭ୍ୟନ୍ତରୀଣ କ୍ଷେତ୍ରରୁ ଉତ୍ପାଦନ ହେବ ବୋଲି ସରକାର କହିବା ହାସ୍ୟାସ୍ପଦ । ଅତ୍ୟନ୍ତ ଲାଭଜନକ ଜୀବନ ବୀମା ନିଗମ ଓ ସାଧାରଣ ବୀମା କମ୍ପାନୀ, ବ୍ୟାଙ୍କ୍, ତୈଳ କମ୍ପାନୀ ଓ ଅନ୍ୟାନ୍ୟ ରାଷ୍ଟ୍ରାୟତ ସଂସ୍ଥା ଏବଂ ୫ଜି ସେପ୍ଟ୍ରମ୍‌କୁ କର୍ପୋରେସନ୍ ସଂସ୍ଥାମାନଙ୍କ ହାତରେ ବାଲି ଗୋଡି ମୂଲ୍ୟରେ ଟେକି ଦେଇ ବଜେଟ୍ ନିଅଣ୍ଟ ଭରଣା କରିବାକୁ ବସିଛନ୍ତି । ଗୋଟିଏ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରୁଥିଲା ବେଳେ ଆଗାମୀ ୩/୫ ବର୍ଷ ମଧ୍ୟରେ କେତେ ରେଳପଥ, ରାଜପଥ ନିର୍ମାଣ ଓ ନିଯୁକ୍ତି ଦେବେ ତାହା ଘୋଷଣା କରି ସରକାର ଜନଗଣଙ୍କୁ ଦିବାସ୍ୱପ୍ନକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି । 'ଆତ୍ମନିର୍ଭରଶୀଳ ଭାରତ', ସ୍ଲୋଗାନ ବିଫଳ ହେଲା ପରେ ପୁଣି ଏଥର ବଜେଟ୍ ଭାଷଣରେ 'ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା'ର ନୂଆ ସ୍ଲୋଗାନ୍ ଅର୍ଥମନ୍ତ୍ରୀ ଦେଇଛନ୍ତି । ଯୁବକମାନଙ୍କୁ ନିଯୁକ୍ତି ଦେବା, କଳକାରଖାନା ଖୋଲିବା, ଦରବୃଦ୍ଧି ହ୍ରାସ କରିବା, ବିଶେଷ କରି ମହିଳା, ଯୁବକ, ଦଳିତ ଓ ଆଦିବାସୀମାନଙ୍କ ଉନ୍ନତି ପାଇଁ କୌଣସି ବନ୍ଦୋବସ୍ତ ନାହିଁ । ଚାଷୀମାନଙ୍କୁ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦେବା ପାଇଁ ବଜେଟ୍‌ରେ ଆବଶ୍ୟକୀୟ ଅର୍ଥର ବ୍ୟବସ୍ଥା ନାହିଁ । ସ୍ୱାସ୍ଥ୍ୟ, ଏମ୍.ଏନ୍.ଆର୍.ଇ.ଜି.ଏ ଓ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବଜେଟ୍ ବ୍ୟୟ ଅଟକଳ ନିତାନ୍ତ କମ୍ । ପେଟ୍ରୋଲିୟମ ଜାତ ଦ୍ରବ୍ୟ ମୂଲ୍ୟ ଉପରେ ଟିକସ ହ୍ରାସ କରାଯାଇନାହିଁ । ଏହାକୁ ଜି.ଏସ୍.ଟି ପରିସରଭୁକ୍ତ ମଧ୍ୟ କରାଗଲା ନାହିଁ। ଫଳରେ ଚଳିତ ପର୍ଯ୍ୟାୟର ବିଧାନସଭା ନିର୍ବାଚନ ପରେ ଏହାର ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇବ। ମୁଦ୍ରାସ୍ଫିତି ବଢିବ। ବର୍ଦ୍ଧିଷ୍ଣୁ ବାଣିଜ୍ୟ ଘାଟତି ଦେଶର ଅର୍ଥନୀତିକୁ ଅଧିକ ସଙ୍କଟ ଜର୍ଜରିତ କରିବ । ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ଡିଜିଟାଲ ମୁଦ୍ରା ପ୍ରଚଳନ କରାଯିବା କଥା ଘୋଷଣା କରାଯାଇଛି । ଏହାଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେବାର ଆଶଙ୍କା ରହିଛି । ରାଜ୍ୟମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଜି.ଏସ୍.ଟି ଓ ଅନ୍ୟାନ୍ୟ ପ୍ରାପ୍ୟରୁ ବଞ୍ଚିତ କରି, କେନ୍ଦ୍ରୀୟ ପ୍ରୋତ୍ସାହିତ ସ୍କିମ୍ ଗୁଡିକରେ କେନ୍ଦ୍ରର ଅଂଶ ହ୍ରାସ କରି ରାଜ୍ୟମାନେ ବଜାରରୁ ଏକ ଲକ୍ଷ କୋଟି ଟଙ୍କା ଋଣ କରିବା ପାଇଁ କେନ୍ଦ୍ର ସରକାର ବଜେଟ୍ ମଧ୍ୟ ଦେଇ କହିବା ଅତ୍ୟନ୍ତ ଚଞ୍ଚକତା ପୂର୍ଣ୍ଣ । ସାମଗ୍ରୀକ ଭାବେ କହିଲେ ଏହି ବଜେଟ୍ ଜନଗଣଙ୍କ ମନରେ ନୈରାଶ୍ୟ ସୃଷ୍ଟି କରିଛି । ଦେଶର ଅର୍ଥନୀତିକୁ ଆତ୍ମନିର୍ଭରଶୀଳ କରିବା ପରିବର୍ତ୍ତେ ଏହି ବଜେଟ୍ କର୍ପୋରେଟ୍ ସଂସ୍ଥାମାନଙ୍କ ହାତରେ ଏକ କ୍ରୀଡନକ କରିବ । ମୁଦ୍ରାସ୍ଫୀତି ଓ ବେକାରୀ ବୃଦ୍ଧି କରିବ । ଏହିପରି ଏକ ଜନ ବିରୋଧୀ କେନ୍ଦ୍ର ବଜେଟ୍‌ର ଦୃଢ ପ୍ରତିବାଦ କରିବା ପାଇଁ ଆମେ ଜନଗଣଙ୍କୁ ଆହ୍ୱାନ କରୁଛୁ ।

## ଗୁପ୍ତକ୍ଷେତ୍ରରେ ନିରଞ୍ଜନଙ୍କ ଜୟଜୟକାର



କେନ୍ଦ୍ରାପଡ଼ା (ପିଏନ୍): ନିରବାବୁ ଥିଲେ ସଖୀବଟର ବାଇମୁଣ୍ଡି। ତାଙ୍କର ନିଷ୍ପାପର ଉଦ୍ୟମ ଯୋଗୁଁ ସଖୀବଟ ଏକ ମଠରୁ ଏକ କ୍ଷେତ୍ରରୂପେ ପ୍ରସିଦ୍ଧି ଲାଭ କରିବା ସଙ୍ଗେ ସଙ୍ଗେ ଓଡିଶା ସରକାରଙ୍କ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିଛି। ସଖୀବଟର ଆଧାତ୍ମିକ ଓ କାୟିକ ବିକାଶ ନିମନ୍ତେ ନିରବାବୁଙ୍କ ଅତୁଳନୀୟ ଅବଦାନ ନିମନ୍ତେ ସେ ସବୁଦିନ ପାଇଁ ଜନମାନସରେ ସ୍ମରଣ ରହିବେ ବୋଲି ଗୁପ୍ତକ୍ଷେତ୍ର ସଖୀବଟର ପ୍ରାକୃତିକ ପରିବେଶ ମଧ୍ୟରେ ବରିଷ୍ଠ ପ୍ରଶାସକ ତଥା ସମାଜସେବୀ ସ୍ୱର୍ଗତଃ ନିରଞ୍ଜନ ସାହୁଙ୍କ ଦ୍ୱାଦଶାହ ଉପଲକ୍ଷେ ଆୟୋଜିତ ସ୍ମରଣିକା ଉନ୍ମୋଚନ ଉତ୍ସବ ଓ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିଛନ୍ତି । ଜିଲା ବିକାଶ ସାମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲଙ୍କ ଅଧ୍ୟକ୍ଷତା ଓ ଆଦିକନ୍ଦ ରାଉଳଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଗରାପୁର ଶିବାନନ୍ଦ ଆଶ୍ରମର ମୁଖ୍ୟା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସ୍ୱର୍ଗତଃ ସାହୁଙ୍କ ଉଦ୍ଦେଶ୍ୟରେ ଆଦିକନ୍ଦ ରାଉଳଙ୍କ ଦ୍ୱାରା ସମ୍ପାଦିତ ଓ ପ୍ରତାପ ନାୟକଙ୍କ ଦ୍ୱାରା ପ୍ରକାଶିତ ସ୍ମରଣିକା 'ସଖୀବଟ ସଖା'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ବିଶିଷ୍ଟ ସମାଜସେବୀ ଭଜକୃଷ୍ଣ ରାଉତ, ଫକୀରଚରଣ ଖଟୁଆ, ସମାଜସେବୀ ଇଂ ଭଗବାନ ବିଶ୍ୱାଳ, ପ୍ରମୋଦ କୁମାର ରଥ, ସାହିତ୍ୟିକ ଡଃ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ରାଉତ, ବ୍ରଜକିଶୋର ବିଶ୍ୱାଳ, ସ୍ୱାମୀ ଅଭୟାନନ୍ଦ ସରସ୍ୱତୀ ପ୍ରମୁଖ ଅତିଥିଙ୍କ ସମେତ ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର, ଚିତ୍ତରଞ୍ଜନ ଦାସ, ମେଜର ଭରତ ଚନ୍ଦ୍ର ଜେନା, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, କବି ନବଜ୍ୟୋତି ରାୟ, ନାଟ୍ୟକାର କୈଳାସ ମଲ୍ଲିକ, ଫକିର ଓଝା, ଅବଧୂତ ରାଉତ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଅଶୋକ ସାହୁ, ଶୈଳଜା ଶଙ୍କର ସାମଲ, ପଣ୍ଡିତ ପ୍ରତାପ ପତି, ଶ୍ରୀଚରଣ ସାମଲ, ବିଜୟ ନାୟକ, ଲକ୍ଷ୍ମୀପ୍ରିୟା ମାଇତି, ଶ୍ରୀଧର ଭୋଳ, ଦିଲ୍ଲିପ କୁମାର ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ପ୍ରତି ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟ ସରକାରଙ୍କ ଶକ୍ତି ବିଭାଗରୁ ଯୁଗ୍ମ ସଚିବ ଭାବେ ଅବସର ନେଇଥିବା ସ୍ୱର୍ଗତଃ ସାହୁ କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ଥିବାବେଳେ ଜଣେ ଦକ୍ଷ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଥିଲେ। ଏଥିସହିତ ଜିଲ୍ଲାର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଓ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଶେଷକରି ଲୁଣାନଦୀ ବନ୍ଧ ସୁରକ୍ଷା ମଞ୍ଚର ସଭାପତି ରୂପେ ନଦୀବନ୍ଧର ଦୃଢୀକରଣ କାର୍ଯ୍ୟର ପ୍ରଚ୍ଛଦପଟରେ ତାଙ୍କର ଭୂମିକା ଆଜି ଲୁଣାନଦୀ ଉତ୍ତରପାର୍ଶ୍ୱ ଅଞ୍ଚଳର ଜନତାଙ୍କୁ ବନ୍ୟାଭୟ ମୁକ୍ତ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସ୍ୱର୍ଗତଃ ସାହୁଙ୍କ ଜ୍ୟେଷ୍ଠପୁତ୍ର ଯାତ୍ରା ନିର୍ଦ୍ଦେଶକ ଦିଲ୍ଲିପ ସାହୁ କୃତଜ୍ଞତା ଅର୍ପଣ କରିଥିଲେ।

## ବାଙ୍କୀରେ ୧୨ତମ ଜାତୀୟ ମତଦାତା ଦିବସ




ବାଙ୍କୀ (ପିଏନ୍)- ବାଙ୍କୀ ଉପଖଣ୍ଡରେ ୧୨ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ଉପଜିଲ୍ଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଡମପଡ଼ା କ୍ଷୀତିସ୍ ବେହେରା, ସହକାରୀ ଜିଲ୍ଲାପାଳ ସୀତାକାନ୍ତ ରାଉତ, ଦେବେନ୍ଦ୍ର ଖଟୁଆ, ଉପଖଣ୍ଡ ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଭାରତ ନିର୍ବାଚନ କମିଶନ ନିର୍ଦ୍ଦେଶ ଅନୁସାରେ ୨୦୧୧ମସିହା ଠାରୁ ପ୍ରତିବର୍ଷ ପାଳିତ ହୋଇ ଆସୁଛି ଏହି ଜାତୀୟ ମତଦାତା ଦିବସ। ଏଥିରେ ନୂତନ ଭାବରେ ପଞ୍ଜିକୃତ ୧୮ରୁ ୧୯ବର୍ଷ ବର୍ଗର ୬ଜଣ ଯୁବଭୋଟରଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇଥିଲା। ଭୋଟର ଦିବସ ପାଳନ ଅବସରରେ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶକ୍ତିସ୍ୱରୂପ ମହାପାତ୍ର ଓ ଚନ୍ଦ୍ରିକା ପ୍ରିୟଦର୍ଶିନୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ୩ଜଣ ବୁଥ୍ ଲେବୁଲ୍ ଅଧିକାରୀ ଓ ଜଣେ ବୁଥ୍ ଲେବୁଲ୍ ସୁପରଭାଇଜରଙ୍କୁ ଅଧିକ ସଂଖ୍ୟାରେ ଯୁବଭୋଟରମାନଙ୍କୁ ପଞ୍ଜିକୃତ କରାଇଥିବାରୁ ଉପଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ତରୀୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ନୂତନ ଯୁବଭୋଟରମାନଙ୍କୁ ଭୋଟର ସଚେତନତା ସଂପର୍କରେ ଶପଥ ପାଠ କରାଇଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହକାରୀ ଜିଲ୍ଲାପାଳ ସୀତାକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ସଙ୍ଗଠନ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର(ପିଏନ୍)-୭୩ତମ ସାଧାରଣତନ୍ତ୍ର ଦିବସ ଅବସରରେ ରେମୁଣା ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ହଳଦିଆ ସ୍କୁଲ ପରିସରରେ ସେବା ସଂଗଠନ ଓଡ଼ିଶା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସମ୍ବାଦ-ଆମ ଓଡ଼ିଶା ଓ ହଳଦିଆ ଯୁବକ ସଙ୍ଘ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସେବା ସଂଗଠନର ଅଧ୍ୟକ୍ଷ



କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଓଡ଼ିଶା ରକ୍ତକେନ୍ଦ୍ର ବାଲେଶ୍ୱରର ଡାକ୍ତର ମହେଶ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ପ୍ରଧାନ ଓ ସମାଜସେବୀ ଅଭିମନ୍ୟୁ ଧିନ୍ଦା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରୁ ମୋଟ ୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସେବା ସଂଗଠନ ଓଡ଼ିଶାର ଜିଲ୍ଲା ସଭାପତି ସରୋଜ କୁମାର ଦାସ, ଭବାନୀଶଙ୍କର ସାହୁ, ଶଶିକାନ୍ତ ମହାରଣା, ଦାମୋଦର ଗିରି, ରତିକାନ୍ତ ମାହାରଣା, ସୀତାରାମ ମାହାରଣା, ରଞ୍ଜିତ ମାହାରଣା, ରାକେଶ ରାଉତ, ଚନ୍ଦନ ସାହୁ, ବିଶ୍ୱନାଥ ଦାସ ରଞ୍ଜିତ ପ୍ରଧାନ, କାଳୀକାଙ୍କର ରାଉତ, ଦେବେନ୍ଦ୍ର ମାହାରଣା, ଗଜେନ୍ଦ୍ର ମାହାରଣା, ଗଜେନ୍ଦ୍ର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ପାଢ଼ୀ ଓ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିଲେ।

## ବାଲେଶ୍ୱରରେ ଦ୍ୱାଦଶ ଜାତୀୟ ମତଦାତା ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱାଦଶ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଦଭାବନା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ଉପସ୍ଥିତ ସମସ୍ତଙ୍କୁ ମତଦାତାଙ୍କ କର୍ତବ୍ୟ ସମ୍ପର୍କିତ ଭୋଟର ସଙ୍କଳ୍ପ ପାଠ କରାଇଥିଲେ । ଜାତୀୟ ଭୋଟର ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିବା ସହିତ ଗଣତାନ୍ତ୍ରିକ ଶାସନରେ ଭୋଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ନିର୍ବାଚନ ମାଧ୍ୟମରେ ଭୋଟରମାନେ ନିଜ ପସନ୍ଦ ମୁତାବକ ପ୍ରତିନିଧି ବାଛି ଆଦର୍ଶ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାର କ୍ଷମତା ରହିଛି । ତେଣୁ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇ ନିର୍ବାଚନରେ ନିଜ ମତାଧିକାରକୁ ସାବ୍ୟସ୍ତ କରିବା ଏବଂ ଭୋଟ ହାର ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ । ବିଶେଷ କରି ଯୁବ ଭୋଟରଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଜିଲ୍ଲାପାଳ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଏଥିରେ ଯୋଗ ଦେଇ ଜାତୀୟ ମତଦାତା ଦିବସ ପାଳନର ତାତ୍ପର୍ଯ୍ୟ ଓ ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ଭାରତ ନିର୍ବାଚନ ଆୟୋଗର ପ୍ରତିଷ୍ଠା ଦିବସକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟରମାନଙ୍କୁ ଆଜିର କାର୍ଯ୍ୟକ୍ରମରେ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ସେମାନେ ନିଜର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେହିପରି ଜିଲ୍ଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଉତମ ପ୍ରଦର୍ଶନ କରିଥିବା ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆସିଷ୍ଟାଂଟ୍ କଲେକ୍ଟର (ନିର୍ବାଚନ) ଶ୍ରୀ ମନୋଜ କାର୍ଜି, ଆସିଷ୍ଟାଂଟ୍ କଲେକ୍ଟରର ସ୍ୱାଗତିକା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ପୁରୀ ନାବାଳିକା ଦୁଷ୍କର୍ମ ଘଟଣାରେ ପୋଲିସ ନିଷ୍କ୍ରିୟତା ନେଇ ପ୍ରଶ୍ନ ଉଠାଇ ଅଭିଯୁକ୍ତକୁ ଗିରଫ ପାଇଁ ଦାବି କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ପୁରୀ ସହରରେ ଗତ ୨୩ ତାରିଖରେ ପାଂଚବର୍ଷିୟା ବାଳିକାକୁ ଧର୍ଷଣ କରାଯିବା ଘଟଣାରେ କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି । ଏହି ସରକାରଙ୍କ ଶାସନରେ ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିବା ସହିତ ଅପରାଧୀମାନଙ୍କର ଚରାଭୂଇଁ ପାଲଟିଛି ବୋଲି ଦଳ ଅଭିଯୋଗ କରିଛି । ଏହି ସମ୍ବେଦନଶୀଳ ଘଟଣା ଉପରେ ପ୍ରତିକ୍ରିୟା ରଖି ଦଳର ମୁଖପାତ୍ର ଆଡଭୋକେଟ ନିଶିକାନ୍ତ ମିଶ୍ର କହିଛନ୍ତି ଏହି ଘଟଣାରେ ଅଭିଯୁକ୍ତ ହେଉଛି ଜଣେ ଅଭ୍ୟାସଗତ ଅପରାଧୀ । କିନ୍ତୁ ତାକୁ ପୋଲିସ୍ ଧରିବାରେ ବିଫଳ ହୋଇଛି । ଏହି ଘଟଣା ସ୍ପଷ୍ଟ କରୁଛି ଯେ ଅପରାଧୀମାନେ ପୋଲିସ୍‌କୁ ସିଧା ଚ୍ୟାଲେଂଜ ଦେଉଛନ୍ତି । ଏହି ଗୁରୁତର ଘଟଣାକୁ ପୁଲିସ ତୁରନ୍ତ 'ରେଡ ଫ୍ଲାଗ' ଶ୍ରେଣୀଭୁକ୍ତ କରୁ ବୋଲି ସେ ଦାବି କରିଛନ୍ତି । ଅପରାଧୀକୁ ତୁରନ୍ତ ଗିରଫ କରିବା ପାଇଁ ପୋଲିସ ଡିଜି ଏହାଉପରେ ଧ୍ୟାନ ଦେବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଁ ଶୀଘ୍ର ସଠିକ୍ ତଦନ୍ତ କରାଇବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି ।

## ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ କେନ୍ଦ୍ରାପଡାରେ ୧୩୧ ଜିଲ୍ଲା ପରିଷଦ ପ୍ରାର୍ଥୀ

କେନ୍ଦ୍ରାପଡ଼ା (ପିଏନ୍): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିନ ଥିଲା ଜାନୁଆରୀ ୨୫ ତାରିଖ। କେନ୍ଦ୍ରାପଡା ଜିଲ୍ଲାରେ ମୋଟ ୧୪୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ଦ୍ୱାରା ପ୍ରାର୍ଥୀପତ୍ର ଯାଞ୍ଚ ପରେ ୩ଟି ନାକଚ ହୋଇଯାଇଥିଲା। ୮ଜଣ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ପରେ ଆସନ୍ତା ନିର୍ବାଚନରେ ଆଉ ୧୩୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା ପାଇଁ ରହିଲେ ବୋଲି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେଥିମଧ୍ୟରୁ ବିଜୁ ଜନତା ଦଳର ୩୨ଜଣ ପ୍ରାର୍ଥୀ ଥିବା ବେଳେ, କଂଗ୍ରେସର ୩୨ଜଣ, ବିଜେପିର ୩୨ଜଣ, ବହୁଜନ ସମାଜ ପାର୍ଟିର ୩ଜଣ, ସିପିଆଇର ୨ଜଣ, ସିପିଆଇ(ଏମ)ର ୨ଜଣ, ଆମ ଅଦ୍‌ମି ପାର୍ଟିର ୨ଜଣ, ଓଡିଶା ପ୍ରଗତି ଦଳର ଜଣେ, ଓଡିଶା ଜନତା ପାର୍ଟିର ୩ ଜଣ ଓ ୨୨ଜଣ ସ୍ୱାଧୀନ ପ୍ରାର୍ଥୀ ରହିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଫେବୃଆରୀ ୦୪

# ନାରୀ ସଶକ୍ତିକରଣର ମୁକ୍ତିସୂର୍ଯ୍ୟ ସାବିତ୍ରୀ ଫୁଲେ



ଆମ ଦେଶର ପ୍ରାଚୀନ ସଂସ୍କୃତି ଆମକୁ ଯେତିକି ମହାନ କରିଛି ତାହା ସହିତ ଓତଃପ୍ରୋତଭାବେ ଜଡିତ, ଅନେକ କୁସଂସ୍କାର, ଅନ୍ଧବିଶ୍ୱାସ, ସାମାଜିକ ବିଭେଦ, ଅଜ୍ଞାନତା,ଏହାର କିଛି ଲୋକଙ୍କ ଜୀବନରେ ଯୁଗେ ଯୁଗେ ଅମାଅନ୍ଧକାର ଭରିଦେଇଛି । ସେହି ଅଜ୍ଞତା ଓ କୁସଂସ୍କାର ବିରୁଦ୍ଧରେ ଲଢାଇ କରି ଅସଂଖ୍ୟ ସମାଜ-ସଂସ୍କାରକ ନିଜ ଜୀବନର ସୁଖଶାନ୍ତିକୁ ଜଳାଞ୍ଜଳି ଦେଇ ସାମାଜିକ ବୈଷମ୍ୟକୁ ଦୂରକରିବାକୁ ଆପ୍ରାଣ ଚେଷ୍ଟା କାଳେକାଳେ କରିଆସିଛନ୍ତି । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ମହାତ୍ମା ଜ୍ୟୋତିବା ଫୁଲେ ଓ ତାଙ୍କ ସହଧର୍ମିଣୀ ସାବିତ୍ରୀ ଫୁଲେ ମହାରାଷ୍ଟ୍ର ରାଜ୍ୟର ସାମାଜିକ ଓ ନାରୀ ଜାଗରଣର ମୁଖ୍ୟ ସୂତ୍ରଧର ଥିଲେ । ସେତେବେଳେ ମରହଟ୍ଟା ପେଶବାମାନେ ପୁନାରୁ ଶାସନ କରୁଥିଲେ । ନିଜେ ବ୍ରାହ୍ମଣ ଥିବାରୁ ତାଙ୍କ ଶାସନରେ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ରହିଥିଲା । ଫୁଲେ ଦଂପତି ମଧ୍ୟ ଏହାର ଶିକାର ହୋଇଥିଲେ । ସେମାନଙ୍କର କୌଣସି ସନ୍ତାନ ନଥିଲେ । ଜଣେ ବ୍ରାହ୍ମଣ ପିଲା ଯଶୋବନ୍ତକୁ ସେମାନେ ପୁତ୍ର ବୋଲି ଗ୍ରହଣ କଲେ, ସେଥିପାଇଁ



କୌଣସି ବ୍ରାହ୍ମଣ ତାକୁ କନ୍ୟା ଦେଲେନି । ମାହାର, ମାଙ୍ଗ, ଚଣ୍ଡାଳ ଭଳି ନୀଚ୍ଚବର୍ଣ୍ଣର ଲୋକମାନେ ନାନା ଭାବରେ ନିର୍ଯ୍ୟାତିତ ହେଉଥିଲେ । ରାସ୍ତାରେ ଗଲା ବେଳେ ମୁଣ୍ଡ ତଳକୁ କରି ପିଠିରେ ଝାଡୁଧରି ଦୁଇଖଣ୍ଡ ବାଡି ବଜାଇ ସେମାନେ ଯାଉଥିଲେ । ନିଜର ପାଦଚିହ୍ନକୁ ଝାଡୁରେ ସଫାକରି ଆଗଉଥିଲେ, କାରଣ ତାଙ୍କ ପାଦ ବାଜି ମାଟି ଅପବିତ୍ର ହୋଇଯାଏ । ଡଃ ଭିମାରାଓ ଆମ୍ବେଦକର ପାଠ ପଢିଲା ବେଳେ, କିପରି ସ୍କୁଲ ବାହାରେ ଅଖା ପକାଇ ବସୁଥିଲେ, ଘରୁ ନେଇଥିବା ପାତ୍ରରେ ପାଣି ପିଉଥିଲେ, ତାହା ବର୍ଣ୍ଣନା କରି କ୍ଷୋଭର ସହ ଆମ୍ବେଦକର କହିଥିଲେ, "ମୁଁ ହିନ୍ଦୁଜାତିରେ ଜନ୍ମ ହୋଇଛି । କିନ୍ତୁ ଅଣହିନ୍ଦୁ ହୋଇ ମରିବାକୁ ଚେଷ୍ଟା କରିବି ।" ଜାତିଭେଦ, ସତୀପ୍ରଥା, ବିଧବାମାନଙ୍କୁ ସାମାଜିକ ନିର୍ଯ୍ୟାତନା, ଜନ୍ମ ବେଳେ ଝିଅମାନଙ୍କୁ ହତ୍ୟାକରିବା ଭଳି ନିଷ୍ଠୁର ପ୍ରଥାମାନ ସମାଜରେ ଭରି ରହିଥିଲା ।

ସାବିତ୍ରୀ ୩-୧-୧୮୩୧ ମସିହା ଦିନ ସାତରା ଜିଲ୍ଲାର ନାଇଗାଁ ନାମକ ଗ୍ରାମରେ ପୁନାରୁ ୫୦ ମାଇଲ ଦୂର ମାଳି ସଂପ୍ରଦାୟରେ ଜନ୍ମ ନେଇଥିଲେ । ସେମାନେ ଫୁଲ ବ୍ୟବସାୟ କରୁଥିବାରୁ ଫୁଲେ ସଂଜ୍ଞା ଗ୍ରହଣ କରିଥିଲେ । ସାମାଜିକ ପ୍ରଥା ଅନୁଯାୟୀ ସେ ୧୩ ବର୍ଷ ବୟସର ଜ୍ୟୋତିବା ଫୁଲେଙ୍କୁ ବିବାହ କରି ଶାଶୂଘର ନାସିକ ଯାତ୍ରା କରିଥିଲେ । ସେତେବେଳେ ଭାରତରେ ଶିକ୍ଷାର ବିକାଶ ହେଇ ନ ଥିଲା । ଜ୍ୟୋତିବା ନିଜ ଉଦ୍ୟମରେ ମିଶନାରୀ ସ୍କୁଲରେ ପାଠପଢି ନିଜ ସ୍ତ୍ରୀଙ୍କୁ ପାଠ ପଢାଇଲେ । ଉଭୟ ମିଶି ଝିଅପିଲାମାନଙ୍କୁ ନିଜ ଘରେ ଶିକ୍ଷା ଦେଲେ । ନିମ୍ନବର୍ଣ୍ଣର ସନ୍ତାନମାନଙ୍କୁ ଶିକ୍ଷା ପ୍ରଦାନ କରି ସମାଜର ଚକ୍ଷୁଶୂଳ ହୋଇଥିଲେ ଓ ସେମାନଙ୍କୁ ଘର ଛାଡିବାକୁ କୁହାଗଲା । ସେମାନେ ଶେଖ ଉସମାନ ନାମକ ଜଣେ ବନ୍ଧୁ ଘରେ ଆଶ୍ରୟ ନେଲେ । ବିଭିନ୍ନ ଜାଗାରେ ନାରୀଶିକ୍ଷା ପାଇଁ ବିଦ୍ୟାଳୟମାନ ଖୋଲିଲେ । ପୁନାରେ ପ୍ରତିଷ୍ଠା ହୋଇଥିବା (୧୮୪୮ ମସିହା) ଭିଡେଓ୍ୱାଡା ନାରୀ ବିଦ୍ୟାଳୟ ଭାରତର ପ୍ରଥମ ଆଧୁନିକ ବାଳିକା ସ୍କୁଲ ଥିଲା । ଶେଖ ଉସମାନର ଭଉଣୀ ଫାତିମା ଶେଖ ଓ ସାବିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇ ନାରୀଶିକ୍ଷା ପାଇଁ କାମ ଆଗେଇନେଲେ । ଫାତିମା ପ୍ରଥମ ଭାରତୀୟ ମହିଳା ଶିକ୍ଷୟିତ୍ରୀ ବୋଲି ସ୍ୱୀକୃତ ହୋଇଛନ୍ତି । ନିଜ ଆତ୍ମଜୀବନୀରେ ସାବିତ୍ରୀ ଲେଖିଛନ୍ତି, ବିଦ୍ୟାଳୟକୁ ଗଲାବେଳେ ବାଟରେ ଲୋକମାନେ ତାଙ୍କ ଉପରକୁ କାଦୁଅ ଟେକା ଫିଙ୍ଗୁଥିଲେ । ସେଥିପାଇଁ ସେ ନିଜ ସହ ଅନ୍ୟ ଏକ ଶାଢୀ ନେଉଥିଲେ । ତାଙ୍କୁ ଦଳିତ ସଂପ୍ରଦାୟରୁ ସମର୍ଥନ ମିଳିଲା । ସେମାନେ ତାଙ୍କ ପିଲାମାନଙ୍କୁ ବହୁସଂଖ୍ୟାରେ ତାଙ୍କ ସ୍କୁଲକୁ ପଠାଇଲେ । ତାଙ୍କ ଶିକ୍ଷାପ୍ରଣାଳୀ ସରକାରୀ ଅନୁସୃତଠାରୁ ଭଲ ବୋଲି ସ୍ୱୀକୃତ ହେଲା । ଏକ ସମୟରେ ସେ ୧୮ଟି ସ୍କୁଲ ଚଳାଉଥିଲେ । ତାହା ସହିତ ବିଧବାମାନଙ୍କ ପାଇଁ ଆଶ୍ରମ, ଅଲୋଡା ଶିଶୁମାନଙ୍କୁ ଆଶ୍ରୟ ପାଇଁ ଅନୁଷ୍ଠାନମାନ ଖୋଲିଲେ । ୧୮୯୨ ମସିହାରେ ସେ ସମୟରେ ପୁନା ସହରରେ ବୁବୋନିକ ପ୍ଲେଗ ମହାମାରୀ ବ୍ୟାପିଲା । ଶହଶହ ଲୋକ ପୋକମାଛି ଭଳି ମଲେ । ସେମାନଙ୍କର ଚିକିତ୍ସା ପାଇଁ ସେ ସହର ବାହାରେ ଏକ ଚିକିତ୍ସାଳୟ ସ୍ଥାପନା କଲେ । ସେ ସମୟରେ ଗୋଟିଏ ପିଲା ପ୍ଲେଗ ରୋଗରେ ଆକ୍ରାନ୍ତ ଖବର ଶୁଣି ସେ ନିଜ କାନ୍ଧରେ ତାକୁ ବୋହି ହସପିଟାଲକୁ ଆଣିଲେ ଓ ନିଜେ ରୋଗରେ ଆକ୍ରାନ୍ତ ହୋଇ ତା୧୦-୪-୧୮୯୭ରିଖ ଦିନ ପ୍ରାଣତ୍ୟାଗ କଲେ । ତାଙ୍କ ଜନ୍ମଦିନକୁ ମହାରାଷ୍ଟ୍ରରେ ବାଳିକା ଦିବସ ରୂପେ ପାଳନ କରାଯାଉଛି । ପୁନା ବିଶ୍ୱବିଦ୍ୟାଳୟକୁ ସାବିତ୍ରୀ ଫୁଲେ ବିଶ୍ୱବିଦ୍ୟାଳୟ ବୋଲି ନାମିତ କରାଯାଇଛି । ତାଙ୍କ ନାମରେ ଭାରତ ସରକାର ଡାକଟିକେଟ ବାହାର କରିଛନ୍ତି । ପୁନା, ଆଉରଙ୍ଗବାଦ, ମୁମ୍ବାଇ, ନାସିକ ଭଳି ସହରର ଅନେକ ସ୍ଥାନରେ ତାଙ୍କ ସ୍ୱାମୀଙ୍କ ସହ ସାବିତ୍ରୀଙ୍କ ପ୍ରତିମୂର୍ତ୍ତି ବସାଯାଇଛି । ପୁନା ବିଶ୍ୱବିଦ୍ୟାଳୟରେ ୧୨ ଫୁଟ ଉଚ୍ଚର ଏକ ବ୍ରୋଂଜ ମୂର୍ତ୍ତି ନିକଟରେ ଉଦ୍‌ଘାଟିତ ହୋଇଛି । ଆମ୍ବେଦକରଙ୍କ ସହ ଫୁଲେ ଦଂପତି ଦେଶରେ ଦଳିତ ଓ ମହିଳା ଶକ୍ତିର ସଂକେତ ହୋଇଛନ୍ତି ।

ନିଜର ଅଭିଜ୍ଞତାକୁ ନେଇ ସାବିତ୍ରୀ ଅନେକ ପୁସ୍ତକ ରଚନା କରିଛନ୍ତି । (କାବ୍ୟ ଫୁଲେ, ସୁବୋଧ ରତ୍ନାକର, ଗୋ ଟୁ ସ୍କୁଲ) । ତାଙ୍କଦ୍ୱାରା ଦଳିତ ଓ ନାରୀମାନଙ୍କ ପାଇଁ ଅନେକ ଟ୍ରଷ୍ଟ ସ୍ଥାପନା ହୋଇଛି । ସ୍ୱାମୀଙ୍କ ସହ ସେ ସତ୍ୟଶୋଧକ ନାମକ ଅନୁଷ୍ଠାନ ଗଢିଥିଲେ । ବିଶେଷତଃ ଯେଉଁ ବିଧବା ବ୍ରାହ୍ମଣୀମାନେ ଗର୍ଭବତୀ ହେଉଥିଲେ ସେମାନଙ୍କୁ ସମାଜରୁ ବହିଷ୍କୃତ କରାଯାଉଥିଲା । ସେମାନଙ୍କୁ ଓ ତାଙ୍କ ଜନ୍ମିତ ଶିଶୁର ସୁରକ୍ଷା ପାଇଁ ସେ ଅନେକ ଆଶ୍ରୟସ୍ଥଳୀ ସ୍ଥାପନା କରିଥିଲେ । ପରାଧୀନ ଭାରତରେ ସରକାର ଉଦାସୀନ ଥିଲେ । ଏଣୁ ନିଜ ଉଦ୍ୟମରେ ସାମାଜିକ-ମଙ୍ଗଳ କାର୍ଯ୍ୟ ଓ ଦଳିତମାନଙ୍କର ସୁରକ୍ଷା କରି ସେ ଇତିହାସରେ ଅମର ହୋଇଛନ୍ତି ।

**ଡାଃ ସୁରେନ୍ଦ୍ର ନାଥ ଦାଶ**, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮

## ଆଜିର ଅନୁଚିନ୍ତା

*ନିଜର ଭୁଲକୁ ସ୍ୱୀକାର କରିବା ହିଁ ଆତ୍ମସଂଶୋଧନର ପ୍ରକୃଷ୍ଟ ସାଧନା ।*

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଆତ୍ମନିର୍ଭର ଆର୍ଥିକ ବ୍ୟବସ୍ଥା

**ସୌମେନ୍ଦ୍ର ଜେନା**






ଫେବୃଆରୀ ମାସ ଆରମ୍ଭରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆବର୍ଷର ବଜେଟ ସଂସଦରେ ଉପସ୍ଥାପନ କରିଛନ୍ତି । ଯଦି ସକାରାତ୍ମକ ଦୃଷ୍ଟିରୁ ବିଚାର କରାଯାଏ, ତେବେ ଏହା ଏକ ସନ୍ତୁଳିତ, ଜୀବନରକ୍ଷାକାରୀ, ଆତ୍ମନିର୍ଭର ଆର୍ଥିକ ବ୍ୟବସ୍ଥା ନିର୍ମାଣ ପାଇଁ ସହାୟକ ବଜେଟ ବୋଲି ଜଣାପଡିବ । ପାଖାପାଖି ଦୀର୍ଘ ଦୁଇବର୍ଷ ଧରି ଦେଶରେ କୋରୋନାର ଆକ୍ରମଣ ଜାରି ଥିଲାବେଳେ ମାସମାସ ଧରି ଲକ୍‌ଡାଉନ୍, ସଟ୍‌ଡାଉନ୍ ଯୋଗୁ ଦେଶରେ ଗୋଟିଏ ପଟେ ବ୍ୟବସାୟୀମାନଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଛି । ବହୁଲୋକ କର୍ମସଂସ୍ଥାନ ହରାଇଛନ୍ତି । ରୋଗର ସଂକ୍ରମଣ ଯୋଗୁ ସାଢେ ଚାରିଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ କୋଟି କୋଟି ଲୋକ ମୃତ୍ୟୁମୁହଁରୁ ରକ୍ଷାପାଇଛନ୍ତି । ବିଦେଶରେ ଟିକା ନେବା ନ ନେବାକୁ କେନ୍ଦ୍ରକରି ଇଉରୋପରୁ କାନାଡା ଯାଏଁ ଲୋକେ ଆନ୍ଦୋଳନ, ଦଙ୍ଗାଗୋଳରେ ମାତିଥିଲା ସମୟରେ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଆନ୍ଦୋଳନକାରୀଙ୍କ ଦ୍ୱାରା ଘେରାଉର ସମ୍ମୁଖୀନ ହୋଇ ନିଜ ସୁରକ୍ଷା ପାଇଁ ସରକାରୀ ବାସଗୃହ ଛାଡି ଅଜଣା ସ୍ଥାନରେ ଆଶ୍ରୟ ନେଇଛନ୍ତି । ଆମେରିକା ଓ ବ୍ରିଟେନରେ ହାତଲେଖା କୋରୋନା ପ୍ରମାଣପତ୍ର ଯୋଗୁ ସଂଖ୍ୟାଧିକ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଭାରତର ଜୀବନରକ୍ଷାକାରୀ ଅର୍ଥନୀତି ବଳରେ ଶତାଧିକ କୋଟି ଜନତାଙ୍କୁ ଦୁଇଶହ କୋଟିରୁ ଅଧିକ ଟିକା ମାଗଣାରେ ସରକାର ଦେଇ ଜନଜୀବନକୁ ସଜାଡିବାରେ ଲାଗିଛନ୍ତି । କୋରୋନା କାଳରେ ପୃଥିବୀରେ ଭାରତ ୯.୨ ପ୍ରତିଶତ ବିକାଶ ହାର ସହ ସବୁଠୁ ଆଗରେ ରହି ଯେପରି ସଙ୍କଟର ସଫଳ ମୁକାବିଲାରେ ଲାଗିଛି ତା' ପଛରେ ବଜେଟ ପରିଚାଳନାଗତ ସଫଳତା, ଆର୍ଥିକ ସଂସ୍କାର, ସଙ୍କଟକୁ ସୁଯୋଗରେ ପରିଣତ କରିବାର ଦକ୍ଷତା ଦାୟୀ ରହିଥିବା ଜଣାପଡିବ ।

ଭାରତ ପରି ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଶହ ଚାଳିଶ ଗୋଟି ଜନତାଙ୍କ ସମସ୍ୟାର ସମାଧାନ ପାଇଁ ବାରମ୍ବାର ବ୍ୟବସ୍ଥାରେ ସଂସ୍କାର ଆଣି କେନ୍ଦ୍ରର ମୋଦି ସରକାର ଜନମାନସରେ ପ୍ରଶଂସାଭାଜନ ହୋଇଥିବା କାରଣରୁ ଦେଶର ୭୨ ପ୍ରତିଶତ ଜନତା ସରକାରଙ୍କ ଉପରେ ସନ୍ତୁଷ୍ଟ ଥିବା ଯୋଗୁ ମୋଦି ବିଶ୍ୱର ସର୍ବାଧିକ ଜନପ୍ରିୟ ନେତା ହେବାର ସମ୍ମାନ ଲାଭ କରିଛନ୍ତି । ତେଣୁ ବର୍ତ୍ତମାନର ଅର୍ଥନୀତି ବିଶ୍ୱର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତ ପାଇଁ ସନ୍ତୋଷଜନକ ରହିଛି । ଗାତ୍ରଦାହୀ ଲୋକେ ଏକପାଖିଆ ବିଚାରକରି ହେଉନାହିଁ, ହେଲାନାହିଁ, ହେବନାହିଁ ବୋଲି ଯେମିତି ନାହିଁ ନାହିଁର କଥା କହି ନିଜ ତର୍କକୁ ସୁହାଇଲା ଭଳି ସୀମିତ ତଥ୍ୟକୁ ରଖି ଆର୍ଥିକ ବିଚାର କରିଥା'ନ୍ତି, ତାହାକୁ ଆମେ ଠିକ୍ ବୋଲି କହିପାରିବା ନାହିଁ । କାରଣ କୋରୋନାର ଆରମ୍ଭ କାଳରେ ବିଶ୍ୱର ଅନେକ ବଡବଡ ତଥ୍ୟବିତ୍‌ଙ୍କୁ ଧରି ଆମେରିକାର ଗଣମାଧ୍ୟମଗୁଡିକରେ ଢେର ଭାରତବିରୋଧୀ ଲେଖା ପ୍ରକାଶ ପାଇଥିଲା । ଭାରତର ଅର୍ଥନୀତି କୋରୋନା ଯୋଗୁ ଭାଙ୍ଗିପଡିବ, କୋଟି କୋଟି ଲୋକେ ପୋକମାଛି ପରି ମରିଯିବେ ବୋଲି ଭୟସଞ୍ଚାର କଲାପରି ଶବ୍ଦାବଳୀପୂର୍ଣ୍ଣ ଲେଖାସବୁ ଉଭୟ ଭାରତୀୟ ଏବଂ ଅଣଭାରତୀୟଙ୍କ ଦ୍ୱାରା ଲେଖା ପ୍ରକାଶ ପାଇଲା । କିନ୍ତୁ ଏହି ସଙ୍କଟ କାଳରେ ବଜେଟର ପରିଚାଳନା, ପରିସ୍ଥିତିର ସମ୍ମୁଖୀନ ହେବା, ଲୋକଙ୍କ ଜୀବନରକ୍ଷା ପାଇଁ ମାଗଣା ଟୀକାକରଣର ସର୍ବବୃହତ ଅଭିଯାନ ଚଳାଇବା, ଗରିବ ରାଷ୍ଟ୍ରମାନଙ୍କୁ ଟୀକା ଓ ଚିକିତ୍ସା ସାମଗ୍ରୀ ବଣ୍ଟନ କରିବାର କ୍ଷମତା ବୃଦ୍ଧି କରିବା, ଲେବାନନ ଓ ଆଫଗାନିସ୍ଥାନ ଲୋକଙ୍କ ପାଇଁ ଲକ୍ଷାଧିକ ମେଟ୍ରିକ ଟନ୍‌ର ଖାଦ୍ୟ ସାମଗ୍ରୀ ମାଗଣାରେ ଦେବାପରି କାର୍ଯ୍ୟ ଭାରତ କରିବାକୁ ସକ୍ଷମ ହୋଇଛି । ସେମିତି ୮୦ରୁ ଅଧିକ ଦେଶକୁ ଶସ୍ତା ଓ ମାଗଣାରେ ଟୀକା ଯୋଗାଇ ଧନୀରାଷ୍ଟ୍ରମାନଙ୍କ ପାଇଁ ମଡେଲ ସୃଷ୍ଟି କରିଛି । ପାଖପଡୋଶୀ ଶ୍ରୀଲଙ୍କା ଓ ମାଳଦ୍ୱୀପ ପରି ଛୋଟ ରାଷ୍ଟ୍ରଗୁଡିକୁ ଋଣଜାଲରୁ ମୁକୁଳାଇବା ପାଇଁ ଆର୍ଥିକ ସହାୟତା ଯୋଗାଇଦେଇଛି । ଦେଶର ଅର୍ଥନୀତି ବିଷୟ ଆଲୋଚନା ବେଳେ ଏସବୁ ସଫଳତାକୁ ଏଡାଇଦେଇ ହେବନାହିଁ । ସବୁ ରାଷ୍ଟ୍ରର ଲକ୍ଷ୍ୟ ଥାଏ ସଫଳତାର ସହ ପରିସ୍ଥିତିକୁ ନେଇ ସଂଘର୍ଷ କରି ଆଗକୁ ଆଗକୁ ବଢିବା । ଅନ୍ୟ ରାଷ୍ଟ୍ରମାନଙ୍କ ପରି ଭାରତ ମଧ୍ୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ପରିସ୍ଥିତି ସହ ସଂଘର୍ଷ କରି କୋରୋନା ସହ ଲଢୁଛି ଏବଂ ସଫଳତାର ସହ ଆଗରୁ ବଢୁଛି ।

କେନ୍ଦ୍ର ସରକାରଙ୍କ ୨୦୨୨-୨୩ର ବଜେଟକୁ ଦେଖିଲେ ମୋଟ ୩୯୪୪୯୪୮.୬୭ କୋଟିର ଅଟକଳ ହୋଇଛି । ଏହି ବଜେଟରେ ଆତ୍ମନିର୍ଭର ହେବାପାଇଁ ସବୁ କ୍ଷେତ୍ରରେ ସୁଯୋଗ ବୃଦ୍ଧିଲାଗି ଲକ୍ଷ୍ୟ ରଖାଯାଇଥିବା ଜଣାପଡିବ । ଯେମିତି ପିଏଲ୍‌ଆଇ ସ୍କିମରେ ଶିଳ୍ପର ବ୍ୟାପକ ବିକାଶ ପାଇଁ ୧୯୫୦୦ କୋଟି ଖର୍ଚ୍ଚ, ପ୍ରତି ଜିଲ୍ଲାରେ ଆଇଟିଆଇ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା, ଆଗାମୀ ୫ ବର୍ଷରେ ୬୦ ଲକ୍ଷ ଚାକିରୀ ସୃଷ୍ଟି, ୩ ବର୍ଷରେ ୪୦୦ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଇବା, ୫ ନୂତନ ନଦୀ ସଂଯୋଗୀକରଣ, ନବୋଦ୍ୟୋଗୀଙ୍କ ପାଇଁ ୨ ଲକ୍ଷ କୋଟି ଖର୍ଚ୍ଚ, ୮୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ, ଜଳ, ସ୍ଥଳ ଓ ଆକାଶ କ୍ଷେତ୍ରରେ ଯୋଗାଯୋଗ ବୃଦ୍ଧିପାଇଁ ପଦକ୍ଷେପ, ପ୍ରଧାନମନ୍ତ୍ରୀ ଇ-ବିଦ୍ୟା ଯୋଜନାରେ ୨୦୦ ଶିକ୍ଷା ଚ୍ୟାନେଲ ଖୋଲିବା, ଆଞ୍ଚଳିକ ଭାଷାରେ ଶିକ୍ଷାଦାନ, ରସାୟନମୁକ୍ତ କୃଷି ବ୍ୟବସ୍ଥା, ଜାତୀୟ ଟେଲିମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ୩.୮ କୋଟି ଗୃହକୁ ନଳ ଯୋଗେ ପାନୀୟ ଜଳ ଯୋଗାଣ, ଇ-ପାସପୋର୍ଟ ସୁବିଧା, ଡାକଘରେ ଏଟିଏମ୍ ସୁବିଧା, ଚାଷର ସୁବିଧା ପାଇଁ ଡ୍ରୋନର ଉପଯୋଗ, କୃଷି ବିକାଶ ଓ ବାଣିଜ୍ୟ ପାଇଁ ଷ୍ଟାର୍ଟଅପ୍ ସ୍ଥାପନା ଆଦି ଲକ୍ଷ୍ୟ ବେଶ୍ ଉଲ୍ଲେଖନୀୟ । ସେମିତି ଚଳିତବର୍ଷ ରେକର୍ଡ ପରିମାଣର ଜିଏସ୍‌ଟି ଜାନୁଆରୀ ମାସରେ ୧୩୮୩୯୪ କୋଟି ହେବା, କର୍ପୋରେଟ ସରଚାର୍ଜ ୧୨ ପ୍ରତିଶତରୁ ୭ ପ୍ରତିଶତକୁ ହ୍ରାସ କରାଯିବା ଦ୍ୱାରା ଆଗାମୀ ଦିନରେ ବାଣିଜ୍ୟର ବିକାଶ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଚଳିତ ବର୍ଷର ବଜେଟରେ ରେଳ ସୁରକ୍ଷା ବୃଦ୍ଧି ପାଇଁ ୨୦୦୦ କିଲୋମିଟର ରେଳପଥକୁ କବଚ ଟେକ୍‌ନୋଲୋଜି ପ୍ରଦାନ କରାଯିବା ଏକ ଭଲ ପଦକ୍ଷେପ ନିଶ୍ଚୟ । ଦେଶରେ ଯୋଗାଯୋଗର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ୨୦୨୨-୨୩ରେ ଲୋକଙ୍କ ୨୦୦୦୦ କୋଟି ବ୍ୟୟରେ ୨୫୦୦୦ କି.ମି ଜାତୀୟ ରାଜପଥର ନିର୍ମାଣଲକ୍ଷ୍ୟ ଏକ ବଡ ସଫଳତା ହେବ । ସ୍ୱାଧୀନତାର ଅମୃତ ମହୋତ୍ସବ ବର୍ଷରୁ ଆଗାମୀ ୨୫ ବର୍ଷ ପାଇଁ ଲକ୍ଷ୍ୟରଖି



ସରକାର ବିକାଶର ସୁଦୃଢ ଢାଞ୍ଚା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପାଇଁ ଆୟକର ହ୍ରାସ ୧୦ରୁ ୧୪ ପ୍ରତିଶତକୁ ବଢାଇ ଦିଆଯାଇଛି, ଯାହା ଅନେକଙ୍କ ପାଇଁ ବେଶ୍ ସହାୟକ ହେବ । ସେହିପରି ମହିଳା ଓ ଶିଶୁବିକାଶ ନିମନ୍ତେ ମିଶନ ଶକ୍ତି, ମିଶନ ବାତ୍ସଲ୍ୟ, ସକ୍ଷମ ଅଙ୍ଗନୱାଡି, ପୋଷଣ ୨.୦ ସୁବିଧା ଯୋଗାଇ ଦିଆଯିବ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଯୁବକ ଓ ମହିଳାମାନଙ୍କ ବିକାଶ ପାଇଁ ୧୫୦୦ କୋଟି ବ୍ୟବସ୍ଥା ରହିଛି । ଏହାଛଡା ସ୍ୱତନ୍ତ୍ର ଭାବେ ପିଏମ୍- ଡିଭାଇନ୍ ନାମରେ ଆଉ ଏକ ନୂଆ ଯୋଜନା ଉତ୍ତର ପୂର୍ବାଞ୍ଚଳର ସାମଗ୍ରୀକ ବିକାଶ ପାଇଁ ଆରମ୍ଭ କରାଯିବା ଲାଗି ବଜେଟରେ ବ୍ୟବସ୍ଥା ରହିଛି । ସୀମାନ୍ତର ଗ୍ରାମାଞ୍ଚଳ ପାଇଁ ନୂଆ ଗ୍ରାମ ବିକାଶ ଯୋଜନା କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି । ପ୍ରମୁଖ ଯୋଜନା ପାଇଁ ଖର୍ଚ୍ଚ ଦୃଷ୍ଟିରୁ ବିଚାର କଲେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ଗତବର୍ଷ ୩୪୯୪୭ କୋଟି ବ୍ୟୟ ହୋଇଥିଲା ବେଳେ ୨୦୨୨-୨୩ ପାଇଁ ୩୭୮୦୦କୋଟି, ଜଳଜୀବନ ପାଇଁ ୨୦୨୧-୨୨ରେ ୪୫୦୧୧ କୋଟି ଅଟକଳ ଥିଲାବେଳେ ୨୦୨୨-୨୩ରେ ୬୦୦୦୦ କୋଟି, ରାଷ୍ଟ୍ରୀୟ ଶିକ୍ଷା ମିଶନ ପାଇଁ ୨୦୨୧-୨୨ରେ ୩୦୭୯୬ କୋଟି ବ୍ୟୟ ଅଟକଳ ଥିଲାବେଳେ ୨୦୨୨-୨୩ରେ ଏହା ୩୯୫୫୩ କୋଟି ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ୨୦୨୧-୨୨ରେ ୧୪୦୦୦କୋଟି ଥିଲାବେଳେ ୨୦୨୨-୨୩ରେ ୧୯୦୦୦ କୋଟି, ପ୍ରଧାନମନ୍ତ୍ରୀ କିସାନ ୨୦୨୧-୨୨ରେ ୬୭୫୦୦ କୋଟି ଥିଲାବେଳେ ୨୦୨୨-୨୩ରେ ୬୮୦୦୦କୋଟି, ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ୨୦୨୧-୨୨ରେ ୫୦୦୦ କୋଟି ଥିଲାବେଳେ ୨୦୨୨-୨୩ରେ ୬୪୦୦ କୋଟି, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ୨୦୨୧-୨୨ରେ ୭୪୦୦ କୋଟି ଥିଲାବେଳେ ୨୦୨୨-୨୩ରେ ୧୦୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ସେମିତି ମନ୍ତ୍ରଣାଳୟ ଦୃଷ୍ଟିରୁ ଅର୍ଥ ଯୋଗାଣ ଦେଖିଲେ ଯୋଗାଯୋଗ ମନ୍ତ୍ରଣାଳୟ-୧୦୫୪୦୬.୮୨ କୋଟି, ରସାୟନ ଓ ସାର-୧୦୭୭୧୫.୩୮ କୋଟି, କୃଷି ଓ କୃଷକ ବିକାଶ-୧୩୨୫୧୩.୬୨ କୋଟି, ଗ୍ରାମାଞ୍ଚଳ ବିକାଶ-୧୩୮୨୦୩.୬୩ କୋଟି, ରେଳବାଇ-୧୪୦୩୬୭.୧୩ କୋଟି, ଗୃହ-୧୮୫୭୭୬.୫୫ କୋଟି, ସଡକ ପରିବହନ ଏବଂ ରାଜପଥ-୧୯୯୧୦୭.୭୧ କୋଟି, ଗ୍ରାହକ ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ-୨୧୭୬୮୪.୪୬ କୋଟି, ପ୍ରତିରକ୍ଷା-୫୨୫୧୬୬.୧୫ କୋଟି ଟଙ୍କା ପାଇଛନ୍ତି । ଉତ୍ପାଦନ ବୃଦ୍ଧିପାଇଁ ପିଏଲ୍‌ଆଇ ଯୋଜନାରେ ୨୦୨୨-୨୩ରେ ଟେଲିକମ୍ ଯୋଗାଯୋଗ-୫୨୮ କୋଟି, ଇଲେକ୍ଟ୍ରୋନିକ୍ସ ଆଇଟି ହାର୍ଡ ୱେର- ୫୩୦୦ କୋଟି, ଫାର୍ମାସିଟ୍ୟୁକାଲ-୧୬୨୯ କୋଟି ଟଙ୍କାର ସୁବିଧା ପାଇବେ । ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସକ୍ଷମ ଅଙ୍ଗନୱାଡି ଓ ପୋଷଣ ୨.୦-୨୦୨୬୩ କୋଟି, ପିଏମ୍ ପୋଷଣ-୧୦୨୩୪ କୋଟି, ମିଶନ ବାତ୍ସଲ୍ୟ-୧୪୭୨ କୋଟି, ମିଶନ ଶକ୍ତି-୩୧୮୪ କୋଟି ପାଇବେ । ମୋଟାମୋଟି ଭାବେ ଚଳିତବର୍ଷର ବଜେଟକୁ ଏକ ବିକାଶମୁଖୀ ସନ୍ତୁଳିତ, ଆତ୍ମନିର୍ଭରକେନ୍ଦ୍ରିକ ପ୍ରୟାସ ବୋଲି କହିହେବ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମଧୁ ବାରିଷ୍ଟର-ଏକ ମଧୁର ଉଚ୍ଚାରଣ

**ହିମାଂଶୁଶେଖର ଆଚାର୍ଯ୍ୟ**





ମାନବ ଜାତି ପାଇଁ ଯେତେବେଳେ ଘଡିସନ୍ଧି ମୁହୂର୍ତ୍ତ ଆସେ, ଯେତେବେଳେ ଜାତିର ଅଧୋପତନ ଘଟେ, ସେତେବେଳେ ଅବକ୍ଷୟମୁଖୀ ଜାତିର ଗୌରବମୟ ଐତିହ୍ୟ ତଥା ମୂଲ୍ୟବୋଧକୁ ଜାତିପ୍ରାଣରେ ଉଜ୍ଜୀବିତ କରିବା ପାଇଁ କେହି ନା କେହି ଅତିମାନବ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି । ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ରହି ଯେତେବେଳେ ଓଡିଆ ଜାତି ତାର ଆତ୍ମପରିଚୟ ଖୋଜୁଥିଲା, ଭାଷା-ବିଲୋପ ଆନ୍ଦୋଳନର ପ୍ରଭାବରେ ଓଡିଆ ଭାଷା ଯେତେବେଳେ ତାର ଅସ୍ତିତ୍ୱ ହରାଇ ବସିଲା, ଇତିହାସର ସେହି ସନ୍ଧିକ୍ଷଣରେ ଧରାବତରଣ କରିଥିଲେ ସେ । ଜାତିପ୍ରାଣରେ ଭରିଥିଲେ ସ୍ୱାଭିମାନର ମନ୍ତ୍ର । ମାତୃଭୂମି ଓ ମାତୃଭାଷା ପ୍ରତି ସୃଷ୍ଟି କରିଥିଲେ ଜାତୀୟତା ଭାବ । ସେ ହେଉଛନ୍ତି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର, ଜାତିପ୍ରାଣ, ସ୍ୱାଭିମାନର ମନ୍ତ୍ରଦାତା, କୁଳବୃଦ୍ଧ, ଉତ୍କଳଗୌରବ ମଧୁସୂଦନ ଦାସ । ସବୁରି ପ୍ରିୟ ମଧୁବାରିଷ୍ଟର-ମଧୁବାବୁ । ଉତ୍କଳ ଜନନୀର ଏହି ସୁଯୋଗ୍ୟ ସନ୍ତାନଙ୍କର ଜନ୍ମ ହୋଇଥିଲା କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଓ ଦେହାବସାନ ଘଟିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ । ମଧୁବାବୁ ଥିଲେ କ୍ରାନ୍ତି ଦ୍ରଷ୍ଟା ଓ ସ୍ରଷ୍ଟା । ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା । ଆଜି ଏକ ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ କଥା ଚିନ୍ତା କଲାବେଳେ ତାଙ୍କ ନାମ ସ୍ୱତଃ ମନକୁ ଆସେ । ସେତେବେଳେ ଓଡ଼ିଶା ଥିଲା ଏକ ଭୌଗୋଳିକ ନାମ ମାତ୍ର । ଖଣ୍ଡବିଖଣ୍ଡିତ ଓଡ଼ିଶା ଓ ଲୁପ୍ତପ୍ରାୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିକରଣ କରିବାର ସ୍ୱର ପ୍ରଥମେ ସେ ହିଁ ଉତ୍ତୋଳନ କରିଥିଲେ । ଏହାର ପରିଣତି ହେଲା ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ କଟକର ଇଦ୍‌ଗା ପଡିଆରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ମଞ୍ଚରେ ରାଜା-ମହାରାଜା, ବୁଦ୍ଧିଜୀବୀ, ସାହିତ୍ୟିକ, କବି ଓ ସାଧାରଣ ଜନତାଙ୍କୁ ସାମିଲ କରାଇ ଜାତୀୟତା ମନ୍ତ୍ରରେ ସେମାନଙ୍କୁ ପ୍ରଭାବିତ କରାଇଥିଲେ । ଏହି ସମ୍ମିଳନୀର ନିରବଚ୍ଛିନ୍ନ ପ୍ରୟାସର ଫଳସ୍ୱରୂପ ସମଗ୍ର ଭାରତବର୍ଷରେ ଓଡ଼ିଶା ଭାଷା ଭିତ୍ତିରେ ପ୍ରଥମ ପ୍ରଦେଶ ହେବାର ମାନ୍ୟତା ପାଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ । କିନ୍ତୁ ନିଜର ସ୍ୱପ୍ନର ଭୂଇଁକୁ ଦେଖିବାକୁ ସେ ନଥିଲେ । ସେ ବାହୁଡିଗଲେ ତାର ଦୁଇବର୍ଷ ପୂର୍ବରୁ । ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଉଛି ତାଙ୍କ ଐକାନ୍ତିକ ତ୍ୟାଗ, ସଂଗ୍ରାମ ଓ ସଙ୍କଳ୍ପର ଫଳ ।

ମଧୁବାବୁଙ୍କ କର୍ମମୟ ଜୀବନ ଥିଲା ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ନିଜ ଜୀବନକାଳରେ ତାଙ୍କର ଏକମାତ୍ର ଧ୍ୟେୟ ଥିଲା ଏକ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ନିର୍ମାଣ । ସେଥିପାଇଁ ଅକୁଣ୍ଠିତ ଚିତ୍ତରେ ଅଜାଡି ଦେଇଥିଲେ ସେ ନିଜ ଜୀବନର ସବୁକିଛି ସାମର୍ଥ୍ୟ, ସୌକୁମାର୍ଯ୍ୟ । ଅଜସ୍ର ଅର୍ଥ ଉପାର୍ଜନ କରି ସୁଖରେ କାଳାତିପାତ ନକରି ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସବୁକୁ ଅକାତର ଭାବେ ଦାନ କରିଦେଇଥିଲେ । ସେ ଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ । ସେ ହେଉଛନ୍ତି ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ., ପ୍ରଥମ ଓଡ଼ିଆ ଓକିଲ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ ଇମ୍ପେରିଆଲ୍ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ । ଖାଲି ସେତିକି ନୁହେଁ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାରେ ସେ ଅଦ୍ୟାବଧି ପ୍ରଥମ ଓଡ଼ିଆ । କହିବା ବାହୁଲ୍ୟ ଯେ ମଧୁସୂଦନଙ୍କ ପୂର୍ବରୁ ମାତ୍ର ଦୁଇଜଣ ଭାରତୀୟ ଯଥା: ଦାଦାଭାଇ ନାରୋଜି ଓ ସୁରେନ୍ଦ୍ରନାଥ ବାନାର୍ଜୀ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ । ସେ ସର୍ବଦା କହୁଥିଲେ-ମୋ ଜାତି ଅନୁନ୍ନତ ହେଲେ ବି ଅନ୍ୟ ଜାତିର କୌଣସି ପ୍ରଥମ ଗ୍ରାଜୁଏଟ୍ ମୋ ପରି ଏତେ କାମ କରିନାହାନ୍ତି । ଯଦି ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଏସବୁ କରିପାରିଲା, ତା'ହେଲେ ପରବର୍ତ୍ତୀ ବଂଶଧରମାନେ ଯଦି ଜଣେ ବ୍ୟକ୍ତି ରୂପେ ନୁହେଁ ଏକ ଜାତିର ଜଣେ ରୂପେ ନିଜର ଦାୟିତ୍ୱ ହୃଦୟଙ୍ଗମ କରନ୍ତି, ତା'ହେଲେ ସେମାନେ ଏ ଦିଗରେ ବହୁତ କାର୍ଯ୍ୟ କରିପାରିବେ । ମଧୁ ବାରିଷ୍ଟର-ଏକ ମଧୁର ଉଚ୍ଚାରଣ । ପାଠପଢାରୁ ଓକିଲାତି । ସବୁଥିରେ ତାଙ୍କର ଅନନ୍ୟ ପରିଚୟ । ଓକିଲାତି ତାଙ୍କ ଜୀବନ ଥିଲା । ସେ ସମୟରେ କଟକରେ ପ୍ରାୟ ସବୁ ଓକିଲ ବଙ୍ଗାଳୀ । ମାତ୍ର ସ୍ୱଳ୍ପସମୟ ଭିତରେ ମଧୁବାବୁ ନିଜର ଦକ୍ଷତା ଓ ବାଗ୍ମିତା ବଳରେ ସବୁ ବଙ୍ଗାଳୀ ଓକିଲଙ୍କ ସହ ପ୍ରତିଯୋଗିତା କରି ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇପାରିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି, ପାଣ୍ଡିତ୍ୟ ଓ ବାଗ୍ମିତା ବିଚାରପତିମାନଙ୍କୁ ମୁଗ୍ଧ କରିଦେଉଥିଲା । ୧୮୮୬ ମସିହାରେ ପୁରୀ ମନ୍ଦିର ମୋକଦ୍ଦମା ତାଙ୍କ ଓକିଲାତି ଜୀବନର ଏକ ମାଇଲଖୁଣ୍ଟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଉତ୍କଳର ଇଷ୍ଟଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ବ୍ରିଟିଶ କବଳରୁ ରକ୍ଷାକରିବା ପାଇଁ ଅଦାଲତରେ ଲଢେଇ କରି ଓଡ଼ିଆ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦାକୁ ରକ୍ଷାକରିବାରେ ସଫଳ ହୋଇଥିଲେ ସେ । ଏହି ମୋକଦ୍ଦମା ଛଡା ଅନ୍ୟ ବଡ ବଡ ମୋକଦ୍ଦମାରେ ସେ ବିଜୟୀ ହେବାର ଅନେକ ନଜିର ଅଛି । ଖାଲି ସେତିକି ନୁହେଁ ତାଙ୍କର ଏକନିଷ୍ଠ ଉଦ୍ୟମ ଯୋଗୁଁ ଭାରତରେ ମହିଳାମାନେ କୋର୍ଟରେ ଓକିଲାତି କରିବାର ସୁଯୋଗ ପାଇଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତା, ବିଚକ୍ଷଣତା ଓ ସର୍ବୋପରି ହାସ୍ୟରସ ଉଦ୍ରେକ କରିବାର ଶକ୍ତି ତାଙ୍କୁ ଓକିଲାତି ବ୍ୟବସାୟରେ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଥିଲା । ସେଥିପାଇଁ ତାଙ୍କୁ ମଧୁ ବାରିଷ୍ଟର ବୋଲି କୁହାଯାଏ ।

ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଇଥିଲେ ମଧୁବାବୁ । ସେ ଥିଲେ ଓଡ଼ିଶାର ପ୍ରଥମ ଶିଳ୍ପୋଦ୍ୟୋଗୀ । ତାଙ୍କ ପ୍ରତିଷ୍ଠିତ 'ଉତ୍କଳ ଟ୍ୟାନେରୀ'ର ଜୋତା ସେତେବେଳେ ୧୯୧୪ ପ୍ରଥମ ବିଶ୍ୱଯୁଦ୍ଧରେ ଆମଦାନୀ କରି ବ୍ୟବହାର କରିଥିଲେ ଜର୍ମାନ ସୈନିକଗଣ । ଯେଉଁଥିପାଇଁ ମଧୁବାବୁଙ୍କ ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧି କହିଥିଲେ-"ମଧୁବାବୁଙ୍କୁ ଭେଟିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଥିଲେ ଜଣେ ମହାନ୍ ଦେଶପ୍ରେମୀ ।" ଦେଶର ଯୁବଶକ୍ତିକୁ ଶ୍ରମର ମର୍ଯ୍ୟାଦା ସମ୍ପର୍କରେ ଶିକ୍ଷାଦେବା ପାଇଁ ସେ ଯତ୍ନବାନ ଥିଲେ । କୌଣସି ପରିସ୍ଥିତିରେ ସେ ନିଜର ସ୍ୱାଭିମାନ ଜଳାଞ୍ଜଳି ଦେଇନଥିଲେ । ଯେଉଁଥିପାଇଁ ଆନ୍ତର୍ଜାତିକ ମାନ୍ୟତା ହାସଲ କରିଥିବା ଉତ୍କଳ ଟ୍ୟାନେରୀ ପାଇଁ ସର୍ବସ୍ୱାନ୍ତ ହୋଇଯାଇଥିଲେ । ପରେ ସେ ଦେବାଳିଆ ବୋଲି ଘୋଷଣା କରାଯାଇଥିଲା । ତଥାପି ସେ ନିଜର ସ୍ୱାଭିମାନ ଛାଡିନଥିଲେ । ନିଜର ସ୍ୱାଭିମାନ ବଜାୟ ରଖିବା ପାଇଁ ପରିଣତ ବୟସରେ ବି ସେ କଚେରୀକୁ ଯାଇ ଓକିଲାତି କରିଥିଲେ । କେବଳ ସେତିକି ନୁହେଁ, ସମଗ୍ର ଓଡ଼ିଆ ଜାତିକୁ ସ୍ୱାବଲମ୍ବୀ କରିବା ପାଇଁ ସେ ଆରମ୍ଭ କରିଥିଲେ ସୁନାରୂପାର ତାରକସି ଶିଳ୍ପ ଓ ବୟନଶିଳ୍ପ । ଆଜି ଓଡ଼ିଶାର ତାରକସି ଶିଳ୍ପ, ସମ୍ବଲପୁରୀ ଶାଢୀ, ବ୍ରହ୍ମପୁରୀ ପାଟ, ଓଡ଼ିଆ ଶିଳ୍ପୀଙ୍କର ଯେଉଁ ଅପୂର୍ବ ଶିଙ୍ଗ କାମ ଭାରତ ଓ ଭାରତ ବାହାରେ ଯେଉଁ ଟେକ ରଖିପାରିଛି, ତା'ପଛରେ ରହିଛି ମଧୁବାବୁଙ୍କ ସ୍ୱଦେଶୀ ସ୍ୱପ୍ନ ଓ ତାର ରୂପାୟନ । ମଧୁସୂଦନ ଜାତୀୟ ଜୀବନ ଉପରେ ଗୁରୁତ୍ୱ ଦେଉଥିଲେ । ଜାତିର ଟେକ ରଖିବାକୁ ସେ ସବୁବେଳେ କହୁଥିଲେ । ଓଡ଼ିଶାରେ ଜନ୍ମ ହୋଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିଲେ । ୧୯୧୨ ମସିହା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ସେ କହିଥିଲେ-"ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି । ଉତ୍କଳମାତା କୋଳରେ ମୋର ଅସ୍ଥି, ମାଂସ ରହିବ । ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି, ସେମାନେ ମୋ ପୂର୍ବପୁରୁଷ । ତାଙ୍କ କୀର୍ତ୍ତିରକ୍ଷାର ଭାର ମୋ ଉପରେ ନ୍ୟସ୍ତ ।" ଉତ୍କଳ ତଥା ଦେଶର ଗୌରବ ବୃଦ୍ଧି ପାଇଁ ପ୍ରତ୍ୟେକ ପାଞ୍ଚ ମିନିଟ୍ ସମୟ ଦେବାକୁ ଆକୁଳ ନିବେଦନ କରି କହିଥିଲେ-ଉତ୍କଳର ଅସ୍ତମିତ ଗୌରବର ବିଷୟ ଥରେ ଚିନ୍ତାକର । ଏଭଳି ଚିନ୍ତା-ଚେତନାର ନେତା ଆଜିର ଦୁନିଆରେ ବିରଳ । ଖାଲି ସେତିକି ନୁହେଁ, ସେ ଥିଲେ ଜଣେ ଜାତୀୟତାବାଦୀ କବି । ତାଙ୍କ କବିତାରେ ଜାତୀୟତା ଭାବ ଓ ତତ୍‌କାଳୀନ ଦେଶର ଅବସ୍ଥା ବେଶ୍ ପ୍ରତିଫଳିତ ହୋଇଥିଲା । ସେଥିପାଇଁ ସେ କହୁଥିଲେ ଅତୀତର ଉଦ୍‌ବୋଧନ ମଣିଷ ଇତିହାସରୁ ପାଏ । ଇତିହାସ ଅତୀତ ମଣିଷ ଓ ଜାତିର ସ୍ମାରକୀଲିପି । ଓଡ଼ିଆ ଜାତିର ଏହି ମୁକୁଟ-ବିହୀନ ସମ୍ରାଟ ଆଜି ଆମ ଗହଣରେ ନାହାନ୍ତି । ହେଲେ ଓଡ଼ିଶା ପାଇଁ, ଓଡ଼ିଆଜାତି ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଆଜି ନେତା ଅଛନ୍ତି, ହେଲେ ସେଭଳି ନେତୃତ୍ୱ ନାହିଁ । ଜୀବନଦୀପ ନିର୍ବାପିତ ହେବା ପର୍ଯ୍ୟନ୍ତ ସେ ଏ ଦେଶ ଓ ଜାତିକଥା ଚିନ୍ତା କରୁଥିଲେ । ସେଥିପାଇଁ ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି କହିଥିଲେ-"ଜୀବନରେ ଯେପରି ମରଣରେ ମଧ୍ୟ ସେପରି, ମଧୁସୂଦନ ଯଥାର୍ଥରେ ଥିଲେ ଏକ ସମ୍ରାଟ ।"

*-ଜଗତସିଂହପୁର, ମୋ- ୯୩୩୭୨୨୧୯୨୪*




# ଟଭାସରୁଆ ମଣ୍ଡିରେ ଧାନ କିଣା ନଯିବାରୁ ଚାଷୀଙ୍କ ଟୋକନ ଲ୍ୟାପ୍ସ, ଧାନ ମଣ୍ଡିରେ ୫୦୦ ଟଙ୍କା କମରେ ନେଉଛନ୍ତି ବେପାରୀ

କେନ୍ଦୁଝର,(ପି.ଏନ): ସାହାରପଡା ବ୍ଲକ ଟଭାସରୁଆ ମଣ୍ଡିରେ ଚାଷୀଙ୍କ ଟୋକନ ଲ୍ୟାପ୍ସ ହୋଇଥିବା ନେଇ ଅଭିଯୋଗ ହୋଇଛି। ୦୧/୦୧/ ୨୦୨୨ରୁ ୩୦/୦୧/ ୨୦୨୨ତାରିଖ ମଧ୍ୟରେ ଚାଷୀମାନେ ଅନେକ ଥର ଧାନ ବିକ୍ରୀ ପାଇଁ ଧାନ ମଣ୍ଡିକୁ ଯାଇଥିଲେ ମଧ୍ୟ ସେମାନଙ୍କ ଧାନ କ୍ରୟ କରାଯାଇନଥିବା ଅଭିଯୋଗ ହୋଇଛି। ଟୋକନ ଲ୍ୟାପ୍ସ ହେବାର ୩ ଦିନ ପୂର୍ବରୁ ମହିଳା ଓ ପୁରୁଷ ଚାଷୀ ସେମାନଙ୍କ ଧାନ ବିକ୍ରୟ ନିମନ୍ତେ ଦିନ ରାତି ମଣ୍ଡିରେ ଜଗି ରହିଥିଲେ। ଧାନ ମଣ୍ଡିରେ ଧାନ କ୍ରୟ ନିମନ୍ତେ ମିଲର ଗାଡି ପଠାଇବା ସତ୍ତ୍ୱେ ଟଭାସରୁଆ ପିପିସି ର କୌଣସି କର୍ମଚାରୀ ଧାନ କ୍ରୟ କରିବାକୁ ଆସିଲେ ନାହିଁ। ଫଳରେ ଅଭିରାମ ମହାନ୍ତଙ୍କ ୩୧୮ ନମ୍ବର ଟୋକନ,ଭୀମସେନ ମହାନ୍ତଙ୍କ ୩୪୨ ନମ୍ବର ଟୋକନ,ଗୌତମ ମହାନ୍ତଙ୍କ ୩୨୬ ନମ୍ବର ଟୋକନ,ଲଳିତ କୁମାର ମହାନ୍ତଙ୍କ ୩୦୦ ନମ୍ବର ଟୋକନ,ଛତିଶ ମହାନ୍ତଙ୍କ ୩୧୭ ନମ୍ବର ଟୋକନ,ରମେଶ ମହାନ୍ତଙ୍କ ୩୨୪ ନମ୍ବର ଟୋକନ,ହେମନ୍ତ କୁମାର ମହାନ୍ତଙ୍କ ୩୦୨ ନମ୍ବର ଟୋକନ,ନରେନ୍ଦ୍ର କୁମାର ମହାନ୍ତଙ୍କ ୩୧୨ ନମ୍ବର ଟୋକନ ଲ୍ୟାପ୍ସ ହୋଇଛି। ଏହି ମଣ୍ଡି ଅଧିନରେ ପ୍ରାୟ ୩୦ ଜଣ ଚାଷୀଙ୍କ ଠାରୁ ୧୮୦୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇ ପାରିନାହିଁ। ଏଥିପୂର୍ବରୁ ଏହି ଧାନ ମଣ୍ଡିର କିଛି କର୍ମଚାରୀଙ୍କ ଦାୟିତ୍ୱରେ ଅବହେଳା ଯୋଗୁଁ ଡିସେମ୍ବର ୧୬ ରାତିରେ ୨୩ଜଣ ଚାଷୀଙ୍କ ଟୋକନ ଲ୍ୟାପ୍ସ ହୋଇଥିଲ। କିଛି ନ୍ୟସ୍ତ ସ୍ୱାର୍ଥ କର୍ମଚାରୀଙ୍କ ଅବହେଳା ପାଇଁ ଚାଷୀଙ୍କ ଟୋକନ ଲ୍ୟାପ୍ସ ହୋଇଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପରିମାଣକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଜିଲ୍ଲାରେ ୮୯ ଟି ଧାନ କ୍ରୟ କେନ୍ଦ୍ରରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉଛି। ମାତ୍ର କେତେକ କେନ୍ଦ୍ରର ପିପିଓ ଓ ଅନ୍ୟ କର୍ମଚାରୀଙ୍କ ଅବହେଳା ପାଇଁ ଦିଆଯାଇଥିବା ଟାର୍ଗେଟ ଅନୁସାରେ ଧାନ କ୍ରୟ କରାଯାଇ ପାରୁନଥିବାରୁ ଅନେକ ଚାଷୀଙ୍କ ଟୋକନ ଲ୍ୟାପ୍ସ ହୋଇଯାଉଛି। ଏହାର ସୁଯୋଗରେ ସେଠାରେ ଥିବା ବେପାରୀ ସରକାରଙ୍କ ଧାର୍ଯ୍ୟ ଦର ଠାରୁ କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା କମରେ ଧାନ କିଣୁଛନ୍ତି। ଚାଷୀଙ୍କ ବ୍ୟାପକ କ୍ଷତି ହେଉଥିବାବେଳେ ବେପାରୀ ମାଲେମାଲ ହେଉଛନ୍ତି। ଜିଲ୍ଲାପାଳ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଚାଷୀମାନେ ଦାବୀ କରିଛନ୍ତି।

## ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ବିଇଡି ଛାତ୍ରୀ

ଆନନ୍ଦପୁର,(ପି.ଏନ):ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜଣେ ୨୨ ବର୍ଷୀୟା ବିଇଡି ଛାତ୍ରୀ ଅଙ୍କିତା ପଢିଆରୀ ଚାକିରୀ ପଛରେ ନଦୌଡି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେ ବାଙ୍ଗୋର ପଂଚାୟତରେ ସରପଂଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ତାଙ୍କ ବାପା ବସନ୍ତ ପଢିଆରୀ ଏକ ରାଜନୈତିକ ଦଳର ସକ୍ରିୟ କର୍ମୀ ଅଛନ୍ତି । ଅଙ୍କିତା ଲୋକଙ୍କ ସେବା କରିବା ପାଇଁ ରାଜନୀତିକୁ ଆସିଥିବା ପ୍ରକାଶ କରିଛନ୍ତି । ସେ ଘର ଘର ବୁଲି ପ୍ରଚାର କରିବା ସହ ଲୋକଙ୍କ ଠାରୁ ଆଶିର୍ବାଦ ଭିକ୍ଷା କରୁଛନ୍ତି ।

## ୩୫ନଂ ଜୋନ୍‌ରେ ତ୍ରିମୁଖୀ ଲଢେଇ

ଆନନ୍ଦପୁର,(ପି.ଏନ):ହାଟଡିହି ବ୍ଲକର ୪ଟି ଜିଲ୍ଲାପରିଷଦ ଜୋନ୍ ମଧ୍ୟରୁ ୩୫ନଂ ଜୋନ୍‌ରେ ଏଥର ତ୍ରିମୁଖୀ ଲଢେଇ ହେଉଛି । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଏହି ଆସନଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ବିଜେଡିରୁ ସୁକାନ୍ତୀ ଜେନା, ବିଜେପିରୁ ତୃପ୍ତୀମୟୀ ଜେନା ଓ କଂଗ୍ରେସରୁ ସ୍ୱପ୍ନାରାଣୀ ଜେନା ପ୍ରାର୍ଥୀ ହୋଇଛନ୍ତି । ତିନିଜଣ ପ୍ରାର୍ଥୀ ରାଜନୀତିରେ ନୂଆକରି ପାଦ ଥାପି ଥିବାରୁ ସେମାନେ ସମସ୍ତଙ୍କ ପାଖରେ ଗ୍ରହଣୀୟ ହୋଇପାରୁଛନ୍ତି। କିନ୍ତୁ ଦଳୀୟ ଚିହ୍ନ ଭିତ୍ତିରେ ନିର୍ବାଚନ ଲଢା ଯାଉଥିବାରୁ ଏବଂ ଜୋନ୍ ସ୍ତରୀୟ ନେତାମାନେ ଅଣ୍ଟା ଭିଡି ଥିବାରୁ ଏଥର କଂଗ୍ରେସ, ବିଜେଡି ଓ ବିଜେପି ମଧ୍ୟରେ ଲଢେଇ ଜୋରଦାର ହେବାର ଆଶା କରାଯାଉଛି। ଏହି ଜୋନ୍‌ରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ମାୟାଧର ଜେନା ଓ ବିଜେପି ନେତା ଆଲୋକ ସେଠୀଙ୍କ ଘର ହୋଇଥିବାରୁ ସମସ୍ତଙ୍କ ପ୍ରଭାବ ରହିବ ବୋଲି ଅନୁମାନ କରାଯାଉଛି। କିନ୍ତୁ ଚଳିତ ନିର୍ବାଚନରେ ଏହି ଜୋନ୍‌ର ଅର୍ଦ୍ଧାଧିକ ପଂଚାୟତରେ ବିଜେଡିର ଦୁଇ ତିନୋଟି ଗୋଷ୍ଠୀ ହୋଇ ସରପଂଚ ଓ ସମିତିସଭ୍ୟ ପାଇଁ ଲଢୁ ଥିବାରୁ ଏହାର ଫାଇଦା ଉଠାଇବା ପାଇଁ କଂଗ୍ରେସ ଓ ବିଜେପି ଉଦ୍ୟମ କରୁଛନ୍ତି। ଏହି ଗୋଷ୍ଠୀ କନ୍ଦଳରୁ କିଏ କେତେ ଫାଇଦା ପାଉଛି ତାହା ଆଗାମୀ ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହେବ ।

## କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥା ୱାର୍ଡ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଏବଂ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ୱାର୍ଡ ଗୁଡିକ ନିମନ୍ତେ ଚୂଡାନ୍ତ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ କେନ୍ଦ୍ରାପଡା ପୋରସଂସ୍ଥାର ୨୧ଟି ୱାର୍ଡ ମଧ୍ୟରୁ ଗୋଟିଏ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଥିବା ବେଳେ ଗୋଟିଏ ଅନୁସୂଚିତ ଜାତି ମହିଳା, ଗୋଟିଏ ଅନୁସୂଚିତ ଜନଜାତି ମହିଳା, ୯ଟି ସାଧାରଣ ବର୍ଗ ମହିଳା ଓ ଅନ୍ୟ ୯ଟି ଅସଂରକ୍ଷିତ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବା ଜଣାପଡିଛି। ସେହିଭଳି ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ୨୦ଟି ୱାର୍ଡ ମଧ୍ୟରୁ ୩ଟି ଅନୁସୂଚିତ ଜାତି, ୩ଟି ଅନୁସୂଚିତ ଜାତି ମହିଳା, ଗୋଟିଏ ଅନୁସୂଚିତ ଜନଜାତି ମହିଳା, ୬ଟି ସାଧାରଣ ବର୍ଗ ମହିଳାଙ୍କ ପାଇଁ ଓ ୭ଟି ଅସଂରକ୍ଷିତ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଯୁକ୍ତଦୁଇ ଶେଷବର୍ଷ ଅଫ ଲାଇନ ପରୀକ୍ଷା ବାତିଲ ଦାବିରେ ରାସ୍ତା ଅବରୋଧ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ଯୁକ୍ତଦୁଇ ସ୍କୁଲର ଶେଷ ବର୍ଷର ଛାତ୍ରଛାତ୍ରୀମାନେ ଗୁରୁବାର ପୁଣି ରାଜରାସ୍ତାକୁ ଓହ୍ଲାଇଛନ୍ତି । +୨ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଖିଳ ଓଡିଶା ଛାତ୍ର ସଂଗଠନ ନେତୃତ୍ୱରେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଯୁକ୍ତଦୁଇ ଶେଷ ବର୍ଷର ଉଚ୍ଚ ମାଧ୍ୟମିକ ବୋର୍ଡ ପରୀକ୍ଷା ବାତିଲ କରିବା ଦାବିରେ ଏହି ଆନ୍ଦୋଳନ ଚାଲିଛି । ପ୍ରଥମ ବର୍ଷରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି । ଦ୍ୱିତୀୟ ବର୍ଷରେ ମାତ୍ର ୨ମାସ ଅନଲାଇନରେ ପାଠ ପଢାଯାଇଥିବା ଯୋଗୁଁ ଗରିବ ଛାତ୍ରଛାତ୍ରୀମାନେ ଆଣ୍ଡ୍ରୋଏଡ ମୋବାଇଲର ଅଭାବ ସାଙ୍ଗକୁ ପ୍ରତିମାସରେ ରିଚାର୍ଯ କରିବା ପାଇଁ ସମସ୍ୟା ଯୋଗୁଁ ସେହି ପାଠ ପଢିପାରିନଥିବା ଅଭିଯୋଗ କରିଛନ୍ତି । ଏହି କାରଣରୁ ସବୁ ଛାତ୍ରଛାତ୍ରୀମାନଙ୍କ ପକ୍ଷରେ ପାଠପଢିବା ସମ୍ଭବ ହୋଇପାରି ନାହିଁ । ମାତ୍ର ୨ମାସ ଅନଲାଇନ ମାଧ୍ୟମରେ ପାଠ ପଢାଇ କିପରି ଦୁଇବର୍ଷର ପାଠ୍ୟକ୍ରମକୁ ନେଇ ଦୁଇବର୍ଷର ପରୀକ୍ଷା ଦେବେ ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି ଆନ୍ଦୋଳନରତ ଛାତ୍ରଛାତ୍ରୀ । ଗତ ଜାନୁୟାରୀମାସ ୨୮ ତାରିଖରେ ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ପରୀକ୍ଷା ବାତିଲ ଦାବିରେ କଟକ-ଚାନ୍ଦବାଲି ରାସ୍ତାକୁ କେନ୍ଦ୍ରାପଡା କଲେଜ ସମ୍ମୁଖରେ ଅବରୋଧ କରିବା ସହ କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ଛାତ୍ରଛାତ୍ରୀମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିବା ବେଳେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଆଜି ପୁନର୍ବାର ଛାତ୍ରଛାତ୍ରୀମାନେ ଆନ୍ଦୋଳନରେ ସାମିଲ ହୋଇଥିବା କହିଛନ୍ତି। କିନ୍ତୁ ଅନ୍ୟ ପକ୍ଷରେ ଅଫ୍ ଲାଇନ ପରୀକ୍ଷାକୁ ବାତିଲ କରାଯିବା ଦାବିରେ ଏଭଳି ଭାବରେ ବାରମ୍ବାର କଟକ- ଚାନ୍ଦବାଲି ରାସ୍ତାକୁ ଘଣ୍ଟା ଘଣ୍ଟା ଧରି ବନ୍ଦ କରାଯିବା ଦ୍ୱାରା ବହୁ ଗୁରୁତର କାର୍ଯ୍ୟରେ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ଅଟକି ରହିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୋଲିସ ଅଧିକାରୀ ସୁମନ୍ତ କିଷାନ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାସ୍ତା ରୋକ ସମ୍ପର୍କରେ ପୂର୍ବରୁ ପୋଲିସକୁ କୌଣସି ସୂଚନା ଦିଆଯାଇନଥିଲା। ଏହାସହ ରାସ୍ତା ଅବରୋଧ କରି ସାଧାରଣ ଲୋକଙ୍କ ଜୀବନଯାପନକୁ ବାଧାପ୍ରାପ୍ତ କରିବା ଏକ ଆଇନ ବିରୋଧୀ କାର୍ଯ୍ୟ। ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏହ ଭଳି କାର୍ଯ୍ୟ ପାଇଁ ଯେଉଁମାନେ ଉସକାଇଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ଯୁକ୍ତ ୨ ବୋର୍ଡ ପରୀକ୍ଷା ବାତିଲ ଏବଂ କ୍ୱାଟରଏଣ୍ଡ ପରୀକ୍ଷା ଆଧାରରେ ଯୁକ୍ତ୨ ବୋର୍ଡ ପରୀକ୍ଷାର ମୂଲ୍ୟାୟନ ଦାବିରେ ଛାତ୍ରକଂଗ୍ରେସର ବିକ୍ଷୋଭ :ୟାସିର ନୱାଜ

ଭୁବନେଶ୍ୱର , ଯୁକ୍ତ ୨ ବୋର୍ଡ ପରୀକ୍ଷା ବାତିଲ ଏବଂ କ୍ୱାର୍ଟରଏଣ୍ଡ ପରୀକ୍ଷା ଆଧାରରେ ଯୁକ୍ତ ୨ ବୋର୍ଡ ପରୀକ୍ଷା ଫଳାଫଳ ଘୋଷଣା ଦାବିରେ ଆଜି ମାଷ୍ଟରକ୍ୟାଂଟିନ ଛକରେ ଯୁକ୍ତ ୨ ଛାତ୍ରଛାତ୍ରୀ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଏହି ଆନ୍ଦୋଳନର ଆୟୋଜନ କରିଥିଲେ। ମାଷ୍ଟର କ୍ୟାଂଟିନଛକରେ ଆନ୍ଦୋଳନ ପରେ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରରେ ମାଷ୍ଟରକ୍ୟାଂଟିନ ଛକଠାରୁ ୟୁନିଟ-୧ ସ୍ଥିତ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରନ ଦାସଙ୍କ ସରକାରୀ ବାସଭବନ ପର୍ଯ୍ୟ' ଯାଇଥିଲେ। ସେଠାରେ ତିନିଘଂଟା ଧରି ଶିକ୍ଷାମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରାଯାଇଥିଲା। ଏହାପରେ ଏକ ପ୍ରତିନିଧି ଦଳ ସେଠାରୁ ଯାଇ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ମଧ୍ୟ ଏହି ଆନ୍ଦୋଳନକୁ ୟାସିର ନୱାଜଙ୍କ ନେତୃତ୍ୱରେ ବିପୁଳ ସମର୍ଥନ ଦିଆଯାଇଛି ଏବଂ ଆନ୍ଦୋଳନ ମଧ୍ୟ ଆୟୋଜିତ ହୋଇଛି। ଛାତ୍ରଛାତ୍ରୀ ମାନଙ୍କର ଯୁକ୍ତି ଏହିକି ଯେ ଦୁଇବର୍ଷ ଧରି ସେମାନଙ୍କୁ କଲେଜରେ ଅନଲାଇନ କିମ୍ବା ଅଫଲାଇନ ମାଧ୍ୟମରେ ପାଠ୍ୟକ୍ରମ ପୂର୍ଣ୍ଣାଙ୍ଗ କରାଯଯାଇ ନାହିଁ। ଗଣଶିକ୍ଷାମନ୍ତ୍ରୀ ସମୀର ଦାସଙ୍କ ବକ୍ତବ୍ୟ ଅନୁଯାୟୀ ଓଡ଼ିଶାରେ ଅନଲାଇନ ମାଧ୍ୟମରେ ମାତ୍ର ୩୦ପ୍ରତିଶତ ଛାତ୍ରଛାତ୍ରୀ ମାନଙ୍କୁ ପାଠପଢ଼ା ଯାଇଛି। କିଂ ବାସ୍ତବରେ ମାତ୍ର ୧୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଅନଲାଇନରେ ପାଠପଢ଼ା ଯାଇଛି। ମୟୁରଭ, ନବରଙ୍ଗପୁର,କୋରାପୁଟ, ରାୟଗଡ଼ା, ମାଲକାନଗିରୀ, ନୂଆପଡ଼ା ପ୍ରଭୃତି ୨୦ରୁ ଉର୍ଦ୍ଧ୍ୱ ଜିଲ୍ଲାରେ ଅନଲାଇନ ସୁବିଧା ଠିକ୍ ଭାବେ ଉପଯୋଗ ହୋଇପାରୁ ନାହିଁ। ଏବଂ ଛାତ୍ରଛାତ୍ର ମାନଙ୍କ ପାଖରେ ସ୍ମାର୍ଟଫୋନ କିମ୍ବା ଡିଜିଟାଲ ପାଠପଢ଼ା ପାଇଁ ବ୍ୟବସ୍ଥା ନାହିଁ। ସରକାର ଯେହେତୁ ଅନଲାଇନ କିମ୍ବା ଅଫଲାଇନ ମାଧ୍ୟମରେ ପାଠପଢ଼ାଇବା ପାଇଁ ସଫଳ ହୋଇପାରିଲେ ନାହିଁ ତେବେ କେଉଁ ଆଧାରରେ ଯୁକ୍ତ ୨ ପରୀକ୍ଷା କରିବା ପାଇଁ ନିଷ୍ପତି ନେଉଛଂ'। ରାଜ୍ୟ ସରକାର ଯୁକ୍ତ୨ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର କରିବାପାଇଁ ଷଡ଼ଯନ୍ତ୍ର ନକରଂ'। ଶିକ୍ଷାବର୍ଷର ସମୟ ଘୁଂଚି ଯାଉଥିବାରୁ ତୁର' ଯୁକ୍ତ ୨ ବୋର୍ଡ଼ ପରୀକ୍ଷାକୁ ବାତିଲକରି ଅନୁଷ୍ଠିତ ହୋଇଥିବା ତିନୋଟି କ୍ୱାର୍ଟରଏଣ୍ଡ ପରୀକ୍ଷାର ମୂଲ୍ୟାୟନ କରି ଯୁକ୍ତ ୨ ପରୀକ୍ଷାର ଫଳାଫଳ ଘୋଷଣା କରଂ'। ସରକାର ଯେଉଁ କ୍ଲାସ କରି ପରୀକ୍ଷା କରିବାକୁ ଚାହୁଁଛଂ' ତାହା ଯଦି ପୂର୍ବରୁ କହିଥାଂ' ତେବେ ସମ୍ଭବ ହୋଇପାରିଥା'। ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କର ଅନ୍ୟ ପ୍ରତିଯୋଗୀତାମୂଳକ ପରୀକ୍ଷା ଦେବାପାଇଁ ସମୟ ଆସିଯାଇଛି। ଏଣୁ ପରୀକ୍ଷା ପାଇଁ ଆଉ ସମୟ ନାହିଁ।କରୋନା ମହାମାରୀପାଇଁ ଯୁକ୍ତି ୨ ପ୍ରଥମ ବାର୍ଷିକ ଏବଂ ଦ୍ୱିତୀୟ ବାର୍ଷିକ ପାଠ୍ୟକ୍ରମ ସଂପୂର୍ଣ୍ଣ ହୋଇପାରିଲା ନାହିଁ। ସୁତରାଂ ଯୁକ୍ତ ୨ ଛାତ୍ରଛାତ୍ରୀଙ୍କର ଦାବିକୁ ଗ୍ରହଣ କରିବାପାଇଁ ଶିକ୍ଷାମନ୍ତ୍ରୀ ଓ ଶିକ୍ଷାସଚିବଙ୍କୁ ଅନୁରୋଧ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ ଯୁକ୍ତ୨ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମନୋରନ ନାୟକ, ରାଜଲକ୍ଷୀ ସାହୁ, ବାସୁଦେବ ନାଥ ଶର୍ମା, ଅର୍ପଣ ସେଠୀ, ଅର୍ପିତା ଖମାରୀ, କୌଶିକ କୁମାର ହୋତା ଓ ଆଶାରାଣୀ ବେହୁରା ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ପ୍ରଦେଶ ଛାତ୍ର କଂଗ୍ରେସ ମୁଖ ମୁଖପାତ୍ର ବିଶ୍ୱଭୂଷଣ ମହାପାତ, ସଂପାଦକ ମୁନା ପରିଡ଼ା, ସାହାରୁଖ ଖାନ, ସାଗର ପଟ୍ଟନାୟକ, ବିଭୂତି ଭୂଷଣ ମହାପାତ୍ର, ଅଖିଳେଷ ଯାଦବ, ଅଭିରାମ ଗୌଡ଼, ରିତ ସେନାପତି, ଉଦ୍ଦିତ, ଚିତରନ ନାୟକ, ଅମିତ ନାୟକ, ସାହାନୱାଜ ମଲ୍ଲିକ, ଚିତରନ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ମଙ୍ଗଳପୁରର ମଙ୍ଗ ଧରିବ କିଏ ?

ଡେରାବିଶ ,(ପି.ଏନ): ପଞ୍ଚାୟତ ନିର୍ବାଚନକୁ ନେଇ ଅନ୍ୟ ଜିଲ୍ଲା ଭଳି କେନ୍ଦ୍ରାପଡା ରାଜନୀତି ସରଗରମ ହୋଇଉଠିଛି । ତେବେ ଜିଲ୍ଲାର ଅନ୍ୟତମ ସ୍ପର୍ଶକାତର ଓ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଡେରାବିଶ ବ୍ଲକରେ ଚଳିତ ନିର୍ବାଚନରେ ଭୋଟରଙ୍କ ହାବଭାବ ସମ୍ପୂର୍ଣ୍ଣ ଅଲଗା ହେଉଥିବା ଲକ୍ଷ୍ୟ କରାଯାଉଛି। ବ୍ଲକର କେତେକ ପଞ୍ଚାୟତରେ ନୂଆ ଓ ଯୁବ ଭୋଟର ନିର୍ବାଚନ ପ୍ରଚାର ଓ ପରିଚାଳନାରେ ମଙ୍ଗ ଧରୁଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତି ନିର୍ବାଚନ ଫଳାଫଳକୁ ବହୁମାତ୍ରାରେ ପ୍ରଭାବିତ କରିବ ବୋଲି ରାଜନୈତିକ ସମୀକ୍ଷକଙ୍କ ମତ। ଡେରାବିଶ ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ରୂପେ ପରିଗଣିତ ହେଉଥିବା ମଙ୍ଗଳପୁରରେ ଚଳିତ ନିର୍ବାଚନରେ କିଏ ମଙ୍ଗ ଧରିବ ସେ ନେଇ ସବୁଠି ଚର୍ଚ୍ଚା। ଅର୍ଥାତ୍ ମଙ୍ଗଳପୁରରେ କିଏ ଏଥର ସରପଞ୍ଚ ରୂପେ ନିର୍ବାଚିତ ହେବେ। ନିର୍ବାଚନ ମଇଦାନରେ ୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ହେଁ, ମୁଖ୍ୟ ଲଢ଼େଇ ତ୍ରିମୁଖୀ ହେବ ବୋଲି ସ୍ପଷ୍ଟ ହେବାରେ ଲାଗିଛି। ଏହି ପଞ୍ଚାୟତର ସରପଞ୍ଚ ପଦଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ରାଜନୈତିକ ଉଷ୍ମତା ମଧ୍ୟ ଭିନ୍ନ ଢଙ୍ଗରେ ଗତି କରୁଛି। ୧୨ଟି ୱାର୍ଡରେ ୩୩ଶହ ଭୋଟର ସରପଞ୍ଚ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ନିର୍ବାଚନ ମଇଦାନରେ ପ୍ରମୋଦିନୀ ରାଉତ, ବନ୍ଦିତା ମଲ୍ଲିକ, ପ୍ରିୟମ୍ବଦା ସିଂହ ଓ ଇତିଶ୍ରୀ ନାୟକ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଅତୀତରେ ମଙ୍ଗଳପୁର ପଞ୍ଚାୟତରେ ବିକାଶ ନାମରେ ବିଭିନ୍ନ ହରିଲୁଟ୍ ଓ ଦୁର୍ନୀତି ସହ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ଯେଉଁ ବିଫଳତା ରହିଥିଲା ତାହା ବନ୍ଦିତାଙ୍କ ପାଇଁ ବଡ ପ୍ରତିବନ୍ଧକ ରୂପେ ଉଭା ହୋଇଛି। ଅନ୍ୟପଟେ ଯୁବ ଭୋଟର ଇତିଶ୍ରୀଙ୍କ ପାଇଁ ନିର୍ବାଚନୀ ମଙ୍ଗ ଧରିଛନ୍ତି। ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନିଜସ୍ୱ ଉଦ୍ୟମରେ ବେଶ୍ କିଛିବର୍ଷ ଧରି ସମାଧାନ କରି ଆସୁଥିବା ଇତିଶ୍ରୀଙ୍କ ପାଇଁ ଦଳମତ ନିର୍ବିଶେଷରେ ମହିଳା ଓ ଯୁବଗୋଷ୍ଠୀ ପୁରା ଦମରେ ଲାଗିଛନ୍ତି। ଅନ୍ୟପଟେ ପ୍ରିୟମ୍ବଦା ସିଂହ ଓ ପ୍ରମୋଦିନୀ ରାଉତ ନିଜ ନିଜ ଢଙ୍ଗରେ ପ୍ରଚାର ଅଭିଯାନକୁ ଆଗଉଛନ୍ତି।ମୋଟ ଉପରେ ମଙ୍ଗଳପୁର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀଙ୍କୁ ନେଇ 'ବିକାଶ ନାମରେ ଦୁର୍ନୀତି' ଏକ ପ୍ରମୁଖ୍ୟ ପ୍ରସଙ୍ଗ। ଏହି ପ୍ରସଙ୍ଗ ଏବେ ହାଟ, ବାଟ ଓ ଘାଟରେ ଚର୍ଚ୍ଚା। ବିକାଶ ପାଇଁ ଆସୁଥିବା ଅର୍ଥ ରାଶି ପଞ୍ଚାୟତ ବାସୀଙ୍କ ସାମୁହିକ ସ୍ୱାର୍ଥର ଉପଯୋଗ ହେଉଛି ନା ନିର୍ଦ୍ଦିଷ୍ଟ ୨-୩ଟି ପରିବାରର ସ୍ୱାର୍ଥ ସାଧନ ପାଇଁ ଉପଯୋଗ ହେଉଛି ସେ ନେଇ ମଧ୍ୟ ସବୁଠି ଆଲୋଚନା ଓ ପର୍ଯ୍ୟାଲୋଚନା। ତେବେ ଦୁର୍ନୀତି-ପ୍ରତିଶ୍ରୁତି ବନାମ ସ୍ୱଚ୍ଛ ଭାବମୂର୍ତ୍ତି-ସହଯୋଗ ଲଢ଼େଇ ଆଗକୁ କେଉଁ ମୋଡ ନେଉଛି ଓ ଏଭଳି ସ୍ଥିତିରେ ୧୬ ତାରିଖରେ ଭୋଟରମାନେ ମଙ୍ଗଳପୁରର ମଙ୍ଗ କାହା ହାତରେ ଧରାଉଛନ୍ତି ତାହା ଦେଖିବାକୁ ବାକି।

# ଧର୍ମୀୟ ଅନୁଷ୍ଠାନ ପ୍ରତିନିଧିମାନଙ୍କ ସହ ଜିଲ୍ଲା ପ୍ରଶାସନର ବୈଠକ

ବାଲେଶ୍ୱର,(ପି.ଏନ): ଜିଲ୍ଲାବାସୀଙ୍କ ପାଇଁ ବିଭିନ୍ନ ଧର୍ମାନୁଷ୍ଠାନ ଖୋଲାଯିବା ସମ୍ପର୍କରେ ନିଷ୍ପତି ନେବା ପାଇଁ ଆଜି ଅପରାହ୍ନ ସାଢେ ୫ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଯଥା ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଇତ୍ୟାଦିର ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଥିଲା। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ମାସରେ ଧର୍ମାନୁଷ୍ଠାନଗୁଡିକୁ ଜନସାଧାରଣଙ୍କ ଦର୍ଶନ ନିମନ୍ତେ ବନ୍ଦ ରଖାଯାଇଥିଲା। କେବଳ ବିଧି-ବିଧାନ ଓ ନୀତିକାନ୍ତି ପାଇଁ ସୀମିତ ସଂଖ୍ୟକ ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଏବେ ସଂକ୍ରମଣ ହ୍ରାସ ପାଉଥିବାରୁ କିଛି କଟକଣା ସହିତ ଜନସାଧାରଣଙ୍କ ପାଇଁ ଆସନ୍ତା ଫେବୃଆରୀ ୪ତାରିଖରୁ ଧର୍ମାନୁଷ୍ଠାନଗୁଡିକୁ ଖୋଲାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଜିଲ୍ଲାରେ ଧର୍ମାନୁଷ୍ଠାନଗୁଡିକ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ । ତେବେ ଧର୍ମାନୁଷ୍ଠାନକୁ ପ୍ରବେଶ ବେଳେ ଜନସାଧାରଣଙ୍କୁ କୋଭିଡ୍ ନିୟମର ଅନୁପାଳନ କରିବାକୁ ହେବ । ସେମାନେ ନିଶ୍ଚିତ ଭାବେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖିବେ । ଧର୍ମାନୁଷ୍ଠାନ ପରିଚାଳନା ଦାୟିତ୍ୱରେ ଥିବା ସଦସ୍ୟମାନଙ୍କୁ ତାହା ସୁନିଶ୍ଚିତ କରିବାକୁ ପଡିବ । ଏ ନେଇ ବୈଠକରେ ଉପସ୍ଥିତ ଧର୍ମୀୟ ଅନୁଷ୍ଠାନଗୁଡିକର ପ୍ରତିନିଧିମାନେ ସହମତି ପ୍ରକାଶ କରିଥିଲେ । ଜିଲ୍ଲାରେ ସଂକ୍ରମଣ ହ୍ରାସ ପାଉଥିଲେ ହେଁ ଏ କ୍ଷେତ୍ରରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଧର୍ମାନୁଷ୍ଠାନ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆସନ୍ତା ପଂଚ଼ାୟତ ନିର୍ବାଚ଼ନରେ ଦକ୍ଷତା ହିଁ ସରପଞ୍ଚ ବାଛିବାର ମାପକାଠି ହେଉ

ବାଜିଲାଣି ପଂଚ଼ାୟତ ନିର୍ବାଚ଼ନ ର ବିଗୁଲ । କେତେଟା ଦିନରେ ନିର୍ବାଚ଼ନ। ଗାଁ ରୁ ସହର ଚ଼ଳ ଚ଼ଞ୍ଚଳ । ନିଜକୁ ନିଜ ପ୍ରତିନିଧି ଦ୍ୱାରା ଶାସନ କରିବାର ଅଭିପ୍ରାୟ ରେ ତୃଣମୂଳ ସ୍ତର ରେ ପାଞ୍ଚ ବର୍ଷ ପାଇଁ ପ୍ରତିନିଧି ମାନେ ନିର୍ବାଚ଼ିତ ହୋଇଥାଆନ୍ତି । ଗ୍ରାମର ପ୍ରତି ୱାର୍ଡ ପାଇଁ ୱାର୍ଡ ମେମ୍ବର ଏବଂ ପଂଚ଼ାୟତ ପାଇଁ ସରପଞ୍ଚ ଏବଂ ଜିଲ୍ଲା ପରିଷଦ ପାଇଁ ଜିଲ୍ଲା ପରିଷଦ ସଦସ୍ୟ ଙ୍କ ନିମନ୍ତେ ନିର୍ବାଚ଼ନ ହୋଇଥାଏ । ଗଣତନ୍ତ୍ର ରାଷ୍ଟ୍ର ରେ ତୃଣମୂଳ ସ୍ତରରେ ପଂଚ଼ାୟତ ପାଇଁ ନିର୍ବାଚ଼ିତ ସରପଞ୍ଚ ଙ୍କ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । ପ୍ରକୃତପକ୍ଷେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଙ୍କ ର ନାନାବିଧ ଯୋଜନା ଯୋଗ୍ୟ ହିତାଧିକାରୀ ପାଖରେ ପହଞ୍ଚାଇ ଲୋକ ଙ୍କ ର ହିତ କେବଳ ଜଣେ ସରପଞ୍ଚ ହିଁ କରିପାରିବେ,ରାଜ୍ୟ ରାଜଧାନୀ ରେ ବସିଥିବା ଏମ ଏଲ ଏ କିମ୍ବା କେନ୍ଦ୍ର ରେ ଥିବା ଏମ ପି ନୁହନ୍ତୁ । ଭାରତ ଗାଁ ରେ ବସିଛି । ଏହା ଏକ ଗ୍ରାମ ବହୁଳ ଦେଶ ।ଗାଁ ର ବିକାଶ ବିନା ଦେଶ ର ବିକାଶ ଅସମ୍ଭବ । ଏଥିରୁ ବୁଝାପଡେ ଗାଁ ର ବିକାଶ ତଥା ଭାରତ ର ବିକାଶ ପାଇଁ ଜଣେ ଦକ୍ଷ ସରପଞ୍ଚ ବାଛିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

ଗାଁ ରେ ପସୁ ପସୁ ଗାଁ ଆରମ୍ଭ ରେ ବାହ୍ୟ ମଳ ମୁକ୍ତ ଗାଁ ଫଳକ ରେ ଆଖି ପଡେ । ପ୍ରଥମ ରେ ବଡ଼ ଖୁସି ଲାଗେ । ସକାଳୁ ବୁଲି ବାହାରିଲେ ଏହି ଖୁସି ପାଣିଚ଼ିଆ ହୋଇ ଯାଏ, ଯେତେବେଳେ ଗାଁ ରାସ୍ତା କଡ଼ ରେ ସକାଳ ନିତ୍ୟକର୍ମ ସାରିବାକୁ ବୁଢା, ବୁଢ଼ୀ, ଯୁବକ , ଯୁବତୀ,ପିଲା, ଛୁଆ ଙ୍କ ର ଏକ ଅସମ୍ଭବ ଭିଡ଼ ଦେଖିବାକୁ ମିଳେ । କଥା ବୁଝିଲେ ଜଣାପଡେ ଗାଁ ରେ ପ୍ରାୟ ସବୁ ଲୋକଙ୍କୁ ସରକାର ଙ୍କ ତରଫରୁ ଲାଟିନ ତ ଦିଆଯାଇଛି କିନ୍ତୁ ସେଗୁଡିକ ନାମକୁ ମାତ୍ର ଯାହା ବ୍ୟବହାର ଉପଯୋଗୀ ନୁହେଁ । ହୁଏତ ଲାଟିନ କରିବାକୁ ଦାୟିତ୍ୱ ଦିଆଯାଇଥିବା ଠିକାଦାର ଜଣକ ନିଜର ଦାୟିତ୍ୱ ଠିକ ଭାବରେ କରି ନାହାନ୍ତି କିମ୍ବା ହିତାଧିକାରୀ ଜଣକ ଲାଟିନ ର ଆବଶ୍ୟକତା ଉପଲବ୍ଧି ନକରି ନିଜ ଅଭାବ ସଂସାର ରେ ଟଙ୍କା ଆତ୍ମସାତ କରିଦେଇଛନ୍ତି । ସବୁଠୁ ବଡ଼ କଥା ଏସବୁ କାମ ଦେଖିବା ଯାହାର ଦାୟିତ୍ୱ,ଅଂଚ଼ଳ ର ଜନପ୍ରତିନିଧି ଏହାର ତଦାରଖ ନକରିବା ଏବଂ ଅଙ୍କୁଶ ପ୍ରୟୋଗ ନକରିବା ।ଗାଁ ର ଭାଇଚ଼ାରା ଆଉ ଦେଖିବାକୁ ମିଳୁନି । କାହାର ବିବାହ, ବ୍ରତ, ପିଣ୍ଡ ଶ୍ରାଦ୍ଧ ରେ ଆଉ ଆଗ ଭଳି ଭାଇ, ବନ୍ଧୁ,ସାହି ଲୋକ ପହଂଚ଼ି ସାହାଯ୍ୟ ସହଯୋଗ ର ହାତ ବଢ଼ାଉ ନାହାନ୍ତି । ଗାଁ ରେ ଛୋଟ ମୋଟ କଳି ଗୋଳ ଗାଁ ର ପଞ୍ଚ ଙ୍କ ଦ୍ୱାରା ତୁଟୁନି। ଗାଁ ରେ ମଦ ର ବନ୍ୟା । ଟିକେ ଟିକେ କଥାରେ ହାତାହାତି । ଶତ୍ରୁ ର ଶତ୍ରୁ ମିତ୍ର ନ୍ୟାୟ ରେ ଗାଁ ର କିଛି ଲୋକ ଜଣଙ୍କ ପାଖରେ ଆଉ କିଛି ଲୋକ ଅନ୍ୟ ଜଣକ ପାଖରେ । ସହଜ ରେ ଗାଁ ତୁଟିଂଯିବା ଭଳି କଳି ତକରାଳ ଥାନା ଫାଣ୍ଡି ଦେଇ କୋର୍ଟ ରେ ପହଁଚୁଛି । ପାଠ ସାଠ ପଢା ଯୋଗ୍ୟ ଜନ ପ୍ରତିନିଧି ଙ୍କ ଅଭାବ ରୁ ନିରୀହ ଜନସାଧାରଣ ଉଚ଼ିତ ଉପଦେଶ ନପାଇ କୁଶିକ୍ଷା ରେ ପଡି ତଳି ତଳାନ୍ତ ହେଉଛନ୍ତି ।ଗାଁ ରେ ନିଯୁକ୍ତି ର ଘୋର ଅଭାବ । ଧୋଇ ମରୁଡି, ବାତ୍ୟା, ବନ୍ୟା ବର୍ଷା ବିପ୍ରାତ ରେ ଛନ୍ଦି ହୋଇ ଚ଼ାଷୀ, ଚ଼ାଷ ପ୍ରତି ବିମୁଖ ।ଚ଼ାଷରେ ଯେତିକି ଖର୍ଚ୍ଚ ହୁଏ ସେତିକି ଆୟ ହୁଏନା । ନା ଅଛି ବିକ୍ରି ବଟା ର ସୁଯୋଗ, ନା ଅଛି ଶୀତଳ ଭଣ୍ଡାର । ଆଜି କାଲି ର ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ପିଲା ମାନଙ୍କ ର ଚ଼ାଷ ପ୍ରତି ଆଗ୍ରହ ନାହିଁ । ଯିଏ ସୁରଟ ଗଲା, ଲୁଧିଆନା ଗଲା, ଆନ୍ଧ୍ର ଗଲା, କର୍ଣ୍ଣାଟକ ଗଲା, ଦାଦନ ଖଟିବାକୁ ଗଲା, କୁଲି ମଜୁରୀ କରିବାକୁ ଗଲା ତ ଠିକ । ଯିଏ ନଗଲା,ଗାଁ ରେ କୌଣସି କାମ ନମିଳିବାରୁ ବିପଥ ଗାମୀ ହେବା ସ୍ୱାଭାବିକ । ଗ୍ରାମ୍ୟ ଯୁବକ ମାନଙ୍କୁ ସରକାରଙ୍କର ନାନାବିଧ ଯୋଜନା ଜରିଆରେ ସ୍ୱାବଲମ୍ବୀ ହେବା ପ୍ରକ୍ରିୟା ରେ ସାମିଲ କରିବା ପାଇଁ ପ୍ରବଳ ଇଛାଶକ୍ତି ଥିବା ଜଣେ ଯୋଗ୍ୟ ସରପଞ୍ଚ ଙ୍କ ର ଆବଶ୍ୟକତା ରହିଛି ।

ସ୍ୱଚ୍ଛ ଏବଂ ନିର୍ମଳ ଶାସନର ଡେଙ୍ଗୁରା ପିଟା ଯାଉଥିବା ବେଳେ ଆମ ଶାସନ ଯେ କେତେ ସ୍ୱଛ ଆଉ କେତେ ନିର୍ମଳ ଏହା ଉଣା ଅଧିକେ ସଭିଙ୍କୁ ଜଣା । ଏଥିପାଇଁ ତଳ ସ୍ତର ରୁ ଉପର ସ୍ତର ପର୍ଯ୍ୟନ୍ତ ଦୁର୍ନୀତି ଗ୍ରସ୍ତ ରାଜନେତା ଯେତିକି ଦାୟୀ ସେତିକି ଦାୟୀ ତଳ ସ୍ତର ର ଅମଲା ଠାରୁ ଉପର ସ୍ତର ର ଅଫିସର ପର୍ଯ୍ୟନ୍ତ । ସରକାର ଙ୍କ ନାନାଦି ଲୋକହିତକର ଯୋଜନା ବହୁତ ସମୟରେ ବାଟ ମାରଣା ହୋଇଯାଏ । ଯୋଗ୍ୟ ହିତାଧିକାରୀ ବଦଳରେ ପ୍ରିୟା ପ୍ରୀତି ତୋଷଣ ରେ ଅଯୋଗ୍ୟ ହିତାଧିକାରୀ ହାତେଇ ନିଏ । ବିଚ଼ରା ନିରୀହ ହିତାଧିକାରୀ ଯୋଗ୍ୟ ପ୍ରତିନିଧି ଙ୍କ ଅଭାବରୁ ନିଜ ହକ ରୁ ବଞ୍ଚିତ ହୁଏ । ଆର ଆଇ ଅଫିସ ରୁ ତହସିଲ, ପଂଚ଼ାୟତ ଅଫିସ ରୁ ବ୍ଲକ ସବୁଠି ସରକାରୀ ଅମଲା ଆଉ ଅଫିସର ଙ୍କ ର ନିରୀହ ହିତାଧିକାରୀ ଉପରେ ଅତ୍ୟାଚ଼ାର । ବଡ଼ ରାଜନେତା ଠାରୁ ବଡ଼ ସରକାରୀ ଅଫିସର ଙ୍କ ର କଦବା କ୍ୱଚ଼ିତ ଗାଁ ଗହଳରେ ଲୋକଙ୍କ ର ଗୁହାରି ଶୁଣିବାକୁ ଦେଖାମିଳେ । ସେଥିପାଇଁ ତୃଣ ମୂଳ ସ୍ତରରେ ଲୋକଙ୍କ ଦ୍ୱାରା ଲୋକ ପ୍ରତିନିଧି ରୂପେ ନିର୍ବାଚ଼ିତ ଜଣେ ଯୋଗ୍ୟ ସରପଞ୍ଚ ହିଁ କେବଳ ନିରୀହ ଜନ ସାଧାରଣ ଙ୍କ ର ସାହା ଭରସା ହୋଇଥାଏ ।

ନିର୍ବାଚ଼ନ ସମୟରେ ବହୁତ ସ୍ୱପ୍ନ ଦେଖେଇ ପାର୍ଥୀ ମାନେ ନିର୍ବାଚ଼ିତ ହୋଇ ଥାଆନ୍ତି । ବହୁତ ସମୟ ରେ ଜନସାଧାରଣ ଦେଖିଥିବା ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିଯାଏ । ସାକାର ହୋଇ ପାରେନା । ନିର୍ବାଚ଼ିତ ପ୍ରତିନିଧି ନିଜର ଶିକ୍ଷା ଦୀକ୍ଷା ର ଅଭାବ , ଇଛା ଶକ୍ତି ର ଅଭାବ କିମ୍ବା ଅନ୍ୟ ଦୁର୍ନୀତି ଗ୍ରସ୍ତ ବ୍ୟକ୍ତି ଙ୍କ ପ୍ରରୋଚ଼ନାରେ ଲୋକଙ୍କର ହିତ ସାଧନ କରିବା ପରିବର୍ତ୍ତ ? ନିର୍ବାଚ଼ିତ ହେଲା ପରେ ପରେ ଲୋକ ଙ୍କ ଠାରୁ ଦୁରେଇ ଯାଆନ୍ତି । ବଂଶ ବାଦ ରାଜନୀତି,ପ୍ରିୟା ପ୍ରୀତି ତୋଷଣ ରାଜନୀତି, କଳାଧନର ପ୍ରାବଲ୍ୟ ବହୁତ ସମୟରେ ସଭ୍ୟ, ଶିକ୍ଷିତ, ଯୋଗ୍ୟ ବ୍ୟକ୍ତି କୁ ରାଜନୀତି ଠାରୁ ଦୁରେଇ ରଖେ ।ବହୁତ ବ୍ୟକ୍ତି, ପରିବାର,ନିଜର ବାହୁବଳ ଏବଂ ଅର୍ଥ ବଳରେ ବହୁତ ବର୍ଷ ଧରି ପଂଚ଼ାୟତ କୁ ଦଖଲ କରି ରଖି ଥାଆନ୍ତି। ଯୋଗ୍ୟ ଜନ ପ୍ରତିନିଧି ଙ୍କ ର ଅଭାବରୁ ନିରୀହ ଜନ ସାଧାରଣ, ପ୍ରକୃତ ହିତାଧିକାରୀ ତାର ନିଜର ହକ ପାଇବାରୁ ବଞ୍ଚିତ ହୁଏ ।ଏଥର ର ପଂଚ଼ାୟତ ସ୍ତରୀୟ ନିର୍ବାଚ଼ନ ଜନତା ଙ୍କ ମନରେ କିଛିଟା ଆଶା ସଂଚ଼ାର କରିଛି । ଏଥର ପଂଚ଼ାୟତ ନିର୍ବାଚ଼ନ ରେ ବହୁତ ସଭ୍ୟ,ଉଚ୍ଚ ଶିକ୍ଷିତ ଯୋଗ୍ୟ ବ୍ୟକ୍ତି ନିର୍ବାଚ଼ନ ମଇଦାନ ରେ ଅବତୀର୍ଣ୍ଣ ହୋଇଛନ୍ତି । ଲୋକଙ୍କ ଠାରେ ପରିବର୍ତ୍ତନ ର ଝଲକ ଦେଖିବାକୁ ମିଳିଲାଣି । କୌଣସି ପ୍ରଲୋଭନ ର ଶିକାର ନହୋଇ ଗଣତନ୍ତ୍ର କୁ ମୂଳରୁ ସୁଦୃଢ କରିବା ପାଇଁ ଜଣେ ସଭ୍ୟ ଶିକ୍ଷିତ, ଦକ୍ଷ, ଯୋଗ୍ୟ ବ୍ୟକ୍ତି କୁ ନିଜର ସରପଞ୍ଚ ରୂପେ ବାଛିବାର ପ୍ରୟାସ ସାମାଜିକ ଗଣ ମାଧ୍ୟମରେ ଆରମ୍ଭ ହୋଇଗଲାଣି ।ଫଳାଫଳ ହିଁ ପରିବର୍ତ୍ତନ ର ଦିଶା ନିର୍ଦ୍ଦେଶ କରିବ । କଥାରେ ଅଛି ଚ଼ାଷୀ ହୁଡ଼ିଲେ ବର୍ଷ ଭୋଟର ହୁଡ଼ିଲେ ପାଞ୍ଚ ବର୍ଷ । ଏବେଠୁ ସଚେତନ ନହେଲେ ଆଗକୁ ପରିଣାମ ଶୁଭଙ୍କର ହୋଇ ନପାରେ।

ବିଜନ ରାୟ, ଭାରିଗୋଳ, ପାଟକୁରା

## କେରଙ୍ଗ ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ ମୁନିରୁଦ୍ଦିନ ଖାଁଙ୍କ ନିର୍ବାଚନ ପ୍ରଚାର

ଖୋର୍ଦ୍ଧା,(ପି.ଏନ): ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ କେରଙ୍ଗ ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ ମୁନିରୁଦ୍ଦିନ ଖାଁ ତାଙ୍କ ନିର୍ବାଚନୀ ପ୍ରଚାର ଜାରି ରଖିଛନ୍ତି। ସେ ପୂର୍ବରୁ ଥରେ କେରଙ୍ଗ ଗ୍ରାମପଂଚାୟତର ସରପଂଚ ଭାବରେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ପୁତ୍ର ବଧୂ ମଧ୍ୟ ଥରେ ସରପଂଚ ଭାବରେ ନିର୍ବାଚିତ ହୋଇ ସୁଚାରୁ ରୂପେ କାର୍ଯ୍ୟ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ କେରଙ୍ଗ ଗ୍ରାମପଂଚାୟତର ବିଭିନ୍ନ ଉନ୍ନୟତ ମୂଳକ କାର୍ଯ୍ୟ କରି ଜନ ସାଧାରଣଙ୍କର ପ୍ରୀୟ ଭାଜନ ହୋଇ ପାରିଛନ୍ତି। ସେ ତାଙ୍କର ସମର୍ଥକ ମାନଙ୍କ ସହିତ ରାଜ୍ୟ ସରକାରଙ୍କର କୋଭିଡ଼ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ନିଜର ସମର୍ଥକମାନଙ୍କ ସହିତ ଘରକୁ ଘର ଯାଇ ନିର୍ବାଚନୀ ପ୍ରଚାର ଜାରି ରଖିଛନ୍ତି। ତାଙ୍କ ପ୍ରତି ବିପୁଳ ଜନ ସମର୍ଥନ ଥିବା ଦେଖିବାକୁ ମିଳିଛି। ସେ ସରପଂଚ ଭାବରେ ନିର୍ବାଚିତ ହେଲେ କେରଙ୍ଗ ଗ୍ରାମପଂଚାୟତ ଅଧିବାସୀ ମାନଙ୍କ ମୌଳିକ ସମସ୍ୟା ଯଥା ରାସ୍ତା ଘାଟ ନିର୍ମାଣ ଓ ଉନ୍ନତି କରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମସ୍ୟା, ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରିବା ପ୍ରଭୃତିକୁ ପ୍ରାଥମିକତା ଦେବେ ବୋଲି ଶ୍ରୀ ଖାଁ କହିଥିଲେ।

# ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ

କୋଣାର୍କ,(ପି.ଏନ) : ସମଗ୍ର ଦେଶରେ ୨୩ ଜାନୁୟାରୀ ନେତାଜୀ ଜୟନ୍ତୀରୁ ୩୦ଜାନୁୟରୀ ଗାନ୍ଧୀ ବଳିଦାନ ଦିବସ ଅବସରରେ ମହାତ୍ମା ଗାନ୍ଧୀଙ୍କ ଭାରତକୁ ନଷ୍ଟ କରିବାର ଅପଚେଷ୍ଟା ବିରୋଧରେ ରାଷ୍ଟ୍ରୀ ଅଭିଯାନ ଚାଲୁ ରହିଛି । ଏହି ଅବସରରେ ଗୁରୁବାର ଅପରାହ୍ନରେ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଗାନ୍ଧୀ ସ୍ମୃତି କମିଟି କୋଣାର୍କଙ୍କ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମୃତି କମିଟି କୋଣାର୍କର ସଂଯୋଜକ କାଳନ୍ଦିଚରଣ ସ୍ୱାଇଁଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ହରିଶ୍ଚନ୍ଦ୍ର ଦାଶ, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ବିଦୁଲତା ଶତପଥି, ଗୁରୁମା ମନୋରାମା ମିଶ୍ର, ସାମ୍ବାଦିକ ଅଜିତ କୁମାର ମଲ୍ଲିକ, ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ଉପ-ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା, ସଦସ୍ୟ ବାନାମ୍ବର ଜେନା ଓ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଅମଳିନ ପ୍ରତିଭାର ସ୍ମୃତିଚାରଣ ଓ ଆଲୋଚନାଚକ୍ର ଓ ରାମଧୁନ ଗାନ କରିବା ସହ ଗାନ୍ଧୀଙ୍କ ପ୍ରତି ହେଉଥିବା ଅପମାନ, ଗାନ୍ଧୀ ବିଚାରଧାର ପ୍ରତି ଅସହମତି ରଖିବା ଓ ସମାଲୋଚନା କରିବାର ଅଧିକାର କାହାର ନରହୁ ସେଭଳି ଭାରତ ଆମେ ଚାହୁଁ ବୋଲି ମତ ପ୍ରକାଶ ପାଇଥିଲା।




# ସଂସଦରେ ସିଧା ମୋଦିଙ୍କୁ ଟାର୍ଗେଟ କଲେ ରାହୁଲ, ଦୁଇଟି ଭାରତ କଥା ଉଠାଇଲେ

ନୂଆଦିଲ୍ଲୀ: ବର୍ତ୍ତମାନ ଦୁଇଟି ଭାରତ। ଗୋଟିଏ ଅତି ଧନୀଙ୍କ ପାଇଁ ଓ ଆଉ ଗୋଟିଏ ଭାରତ ବାକି ଲୋକଙ୍କ ପାଇଁ। ଭାରତ ସରକାରଙ୍କ ପାଇଁ ଆଜି ପାକିସ୍ତାନ ଓ ଚ଼ାଇନା ଏକାଠି ହୋଇପାରିଛନ୍ତି। ନ୍ୟାୟପାଳିକା, ନିର୍ବାଚ଼ନ କମିଶନ ଓ ପେଗାସସକୁ ବ୍ୟବହାର କରି ଲୋକଙ୍କ ସ୍ୱରକୁ ଚ଼ାପି ଦିଆଯାଉଛି। ଭାରତବାସୀଙ୍କୁ ସରକାର ଅତ୍ୟନ୍ତ ରିସ୍କ ଜୋନରେ ଛିଡା କରି ଦେଇଛନ୍ତି। ଆଜି ଏଭଳି କିଛି କଥା କହି ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କ ଉପରେ ମନଇଚ଼୍ଛା ବର୍ଷିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି।ଲୋକସଭାରେ ରାଷ୍ଟ୍ରପତିଙ୍କ ଉଦବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଛି। ଏହି ସମୟରେ ରାହୁଲ ନିଜର ଅଭିଭାଷଣ ରଖି ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, "ରାଷ୍ଟ୍ରପତିଙ୍କ ଉଦବୋଧନରେ ଭାରତର ଅତ୍ୟଧିକ ଧନୀ ଓ ଅନ୍ୟ ଲୋକଙ୍କ ମଧ୍ୟରେ ଥିବା ଗ୍ୟାପକୁ ସ୍ଥାନ ଦିଆଯାଇନି। ଏବେ ଦୁଇଟି ଭାରତ। ଗୋଟିଏ ଅତ୍ୟଧିକ ଧନୀ ବର୍ଗଙ୍କ ଭାରତ। ସେମାନଙ୍କ ପାଖରେ ପ୍ରଚୁର ଧନ ସମ୍ପତ୍ତି ରହିଛି। ସେମାନଙ୍କୁ ଚ଼ାକିରି ଦରକାର ନାହିଁ।ସେମାନେ ପାଣି ସଂଯୋଗ କିମ୍ବା ବିଜୁଳି ଚ଼ାହାନ୍ତି ନାହିଁ। ଅନ୍ୟ ଏକ ଭାରତରେ ଗିରବମାନେ ରହୁଛନ୍ତି। ଦୁଇ ଭାରତ ମଧ୍ୟରେ ଗ୍ୟାପ ବ଼ଢ଼ି ଚ଼ାଲିଛି। ସରକାରୀ ତଥ୍ୟ ଅନୁଯାୟୀ ୧୦ ଜଣ ଭାରତୀୟଙ୍କ ପାଖରେ ୪୦ କୋଟି ଲୋକଙ୍କ ସମ୍ପତ୍ତି ରହିଛି। ଏହା କେମିତି ସମ୍ଭବ ହେଲା? ନରେନ୍ଦ୍ର ମୋଦିଜୀ ଏହା କରିଛନ୍ତି। ଦୟାକରି ଏହି ଗ୍ୟାପକୁ ବନ୍ଦ କରନ୍ତୁ।"ରାଷ୍ଟ୍ରପତିଙ୍କ ଭାଷଣରେ ନିଯୁକ୍ତି ସୁଯୋଗ ସମ୍ପର୍କରେ କିଛି ନଥିଲା। କାରଣ ସରକାର ଏଥିପାଇଁ କୌଣସି ପଦକ୍ଷେପ ନେଇ ନଥିବା ରାହୁଲ କହିଛନ୍ତି। ଏଥିସହ ସେ ପେଗାସସ, ପାକିସ୍ତାନ ଓ ଚ଼ାଇନା ପ୍ରସଙ୍ଗରେ ସରକାର ଦେଶବାସୀଙ୍କ ସହ ବଡଧରଣର ଭୁଲ କରିଛନ୍ତି ବୋଲି କହିଛନ୍ତି। ବିଦେଶରେ ଭାରତ ଏକଘରକିଆ ହୋଇଥିବା ବେଳେ ଦେଶ ଭିତରେ ଆମେ ଲ??ଇ କରୁଥିବା ମଧ ରାହୁଲ ସଂସଦକୁ ଅବଗତ କରାଇଛନ୍ତି।ସେ କହିଛନ୍ତି, "ଆଜି ମୋ ଦେଶ ଯେଉଁଠି ଛିଡା ହୋଇଛି, ତା'କୁ ଦେଖି ମୁଁ ବ୍ୟସ୍ତ। ଆପଣ ଦେଶ ଓ ଦେଶବାସୀଙ୍କ ଜୀବନକୁ ଗୋଟିଏ ସମ୍ବେଦନଶୀଳ ମୋଡରେ ଛିଡା କରିଦେଇଛନ୍ତି। ଆପଣ ପାକିସ୍ତାନ ଓ ଚ଼ାଇନାକୁ ଏକାଠି କରିଛନ୍ତି। ଜମ୍ମୁ-କଶ୍ମୀରରେ ଆପଣ ବହୁତ ବଡ ରଣନୀତିଗତ ତ୍ରୁଟି କରିଛନ୍ତି। ଚ଼ାଇନା ଯୋଜନାବଦ୍ଧ ଭାବେ ସବୁ କିଛି କରୁଛି। ଆପଣ ଏହାକୁ ଆଗି ହାଲୁକା ଭାବେ ନିଅନ୍ତୁ ନାହିଁ। ଚ଼ାଇନା ପୂରା ସ୍ୱଷ୍ଟ ଭାବେ ନିଜ ଲକ୍ଷ୍ୟ ଦିଗରେ ଗତି କରୁଛି। ଦୟା କରି ଏହାକୁ ବୁଝନ୍ତୁ। ନ ହେଲେ ବହୁତ ବଡ ସମସ୍ୟା ଦେଖାଯିବ।ଆମ ଦେଶର ମୂଳଦୁଆ ସହ ବିଜେପି ଓ ଆରଏସଏସ୍? ଖେଳୁଛନ୍ତି। ଜଣେ ବି ହେଲେ ଭାରତୀୟ ଚ଼ାକିରି ନ ପାଆନ୍ତୁ ବୋଲି ସେମାନେ ଚେଷ୍ଟା କରୁଛନ୍ତି। ଭାରତ ଆଜି ସଂପୂର୍ଣ୍ଣ ଭାବେ ଆଇସୋଲେଟ ଓ ଘେରାବନ୍ଦୀ ହୋଇ ରହିଛି। ନ୍ୟାୟପାଳିକା, ନିର୍ବାଚ଼ନ କମିଶନ ଓ ପେଗାସସ ଭଳି ଅସ୍ତ୍ରକୁ ବ୍ୟବହାର କରି ଦେଶବାସୀଙ୍କ ସ୍ୱରକୁ ଧ୍ୱଂସ କରି ଦିଆଯାଉଛି।ଆପଣ ମେକ ଇନ ଇଣ୍ଡିଆ କଥା କହୁଛନ୍ତି। ହେଲେ ଆଜି ଆଉ ମେକ ଇନ୍? ଇଣ୍ଡିଆ ନାହିଁ। ଏହା ଶେଷ ହୋଇ ଯାଇଛି। କାରଣ ଆପଣ ମେକ ଇନ ଇଣ୍ଡିଆରେ ସାମିଲ ହେଉଥିବା ଛୋଟ ବ୍ୟବସାୟୀ ଓ ଅଣସଂଗଠିତ କ୍ଷେତ୍ରକୁ ଧ୍ୱଂସ କରିଦେଇଛନ୍ତି। ଆଉ ମେକ ଇନ ଇଣ୍ଡିଆ ସମ୍ଭବ ନୁହେଁ। ଆପଣ ନିଯୁକ୍ତି କଥା କହୁଛନ୍ତି। କିନ୍ତୁ ୨୦୨୧ରେ ୩ କୋଟି ଯୁବକ ଚ଼ାକିରି ହରାଇଛନ୍ତି। ଭାରତର ବେକାରୀ ସମସ୍ୟା ୫୦ ବର୍ଷ ରେକର୍ଡ ଭାଙ୍ଗିଛି। ଆପଣ ମେକ ଇନ ଇଣ୍ଡିଆ, ଷ୍ଟାର୍ଟଅପ ଇଣ୍ଡିଆ କଥା କହୁଛନ୍ତି। ହେଲେ ଯୁବକମାନେ ଚ଼ାକିରି ପାଉନାହାନ୍ତି।"ରାହୁଲ ଜରୁରିକାଳୀନ ସ୍ଥିତି କଥା ମଧ କହିଛନ୍ତି। ସେ କହିଛନ୍ତି, "ମୁଁ ଜରୁରିକାଳୀନ ସ୍ଥିତି ସମ୍ପର୍କରେ ମଧ କହିବି। ମୁଁ ଏହି ପ୍ରସଙ୍ଗ ଉଠାଇବାକୁ ଡରୁନି। ଭାରତର ଦୁଇଟି ଭିଜନ। ଏହାକୁ ଚ଼୍ୟାଲେଞ୍ଜ କରିବା ପାଇଁ କାହାର ବି କ୍ଷମତା ନାହିଁ। ୧୯୪୭ରେ କଂଗ୍ରେସ ଉଚ୍ଛେଦ କରିଥିବା ରାଜା ପରମ୍ପରା ଏବେ ପୁଣି ଫେରିଛି। ଏବେ ଦେଶରେ ଜଣେ ସେହନଶାହ ଅଛନ୍ତି। ଗୋଟିଏ ବିଚ଼ାରଧାରା ଦ୍ୱାରା ଦେଶ ଓ ଦେଶବାସୀଙ୍କୁ ଆଟାକ କରାଯାଉଛି।ଭାରତୀୟ ସମ୍ବିଧାନରେ ସବୁ ରାଜ୍ୟର ଲୋକଙ୍କୁ ସମାନ ଅଧିକାର ମିଳିଛି। ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିବାର ବ୍ୟବସ୍ଥା ରହିଛି। ହେଲେ ଏବେ ସରକାର ନିଜ ଇଚ଼୍ଛାରେ ସବୁ କିଛି କରୁଛନ୍ତି "ନିଜ ପରିବାର କଥା ମଧ ରାହୁଲ ସଂସଦରେ ଉଠାଇଛନ୍ତି। ସେ କହିଛନ୍ତି, "ମୋ ଜେଜେ ବାପା ୧୫ ବର୍ଷ ଜେଲରେ ଥିଲେ। ମୋ ଜେଜେ ମା'ଙ୍କୁ ୩୨ଟି ଗୁଳି ମାଡ କରାଯାଇଥିଲା। ମୋ ବାପାଙ୍କୁ ବିସ୍ଫୋରଣରେ ଉଡାଇ ଦିଆଗଲା। ତେଣୁ ମୁଁ ଜାଣିଛି ମୁଁ କ'ଣ କହୁଛି। ଆପଣ ବହୁତ ବଡ ବିପଦଜନକ ଖେଳ ଖେଳୁଛି। ମୁଁ ଆପଣଙ୍କୁ ଏହାକୁ ବନ୍ଦ କରିବାକୁ ପରାମର୍ଶ ଦେଉଛି। ଆପଣ ଯଦି ଏହାକୁ ବନ୍ଦ ନ କରିବେ, ତା'ହେଲେ ବହୁତ ବଡ ସମସ୍ୟା ଦେଖାଯିବ।

### ୨ ମାସରେ ସ୍କୁଲ ଖୋଲିବା ସମ୍ପର୍କରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): କରୋନା କଟକଣା ସହ କିଭଳି ସ୍କୁଲ ଖୋଲାଯିବ ସେ ନେଇ ୨ମାସ ମଧ୍ୟରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କରୋନା ସଂକ୍ରମଣ ସ୍ଥିତି ଯୋଗୁଁ ସ୍କୁଲ ବନ୍ଦ କରାଯିବା ନିଷ୍ପତିକୁ ବିରୋଧ କରି ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା।ଏହାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ମାସ ସମୟ ଦେଇଛନ୍ତି।ଉଲ୍ଲେଖଯୋଗ୍ୟ, କରୋନା କଟକଣା ନାଁରେ ସ୍କୁଲ ଓ କଲେଜ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କଥା କେହି ଚିନ୍ତା କରୁ ନାହାନ୍ତି। ଦୁଇ ବର୍ଷ ହେବ କରୋନା ସଂକ୍ରମଣସ୍ଥିତି ଯୋଗୁଁ ଶିକ୍ଷାନୁଷ୍ଠାନ ବିଭିନ୍ନ ସମୟରେ ବନ୍ଦ ରଖାଯାଉଛି। ସ୍କୁଲ ବନ୍ଦ ରହୁଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢାରୁ ଏକ ପ୍ରକାର ଦୂରେଇ ଯାଇଛନ୍ତି। ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲି ଯାଉଛି। ଏଭଳି ସ୍ଥିତିରେ ତୁରନ୍ତ କରୋନା କଟକଣା ଭିତରେ ସ୍କୁଲ ଖୋଲାଯାଉ ବୋଲି ରଞ୍ଜିତା ମହାପାତ୍ର ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଗୋଟିଏ ଦିନରେ ୩୪୫୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୪୫୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୫୫୭୭୬ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୪୩୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୦୯ ହଜାର ୩୧୩ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୭୭୬୨ ରହିଛି। ।ଜି ଚିହ୍ନଟ ହୋଇଥିବା ୩୪୫୦ ଜଣଙ୍କ ମଧ୍ୟରୁ ୨୦୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୩୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୭୧୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୫୨, ବାଲେଶ୍ୱର ଜିଲ୍ଲାରୁ ୧୦୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୮୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୫୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୧୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୫୩, କଟକରୁ ୨୦୨ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୭୩, ଗଂଜାମ ଜିଲ୍ଲାରେ ୬୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୬୪, ଯାଜପୁରରୁ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୬୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୪, କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝରରୁ ୩୯, ଖୋର୍ଦ୍ଧାରୁ ୭୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରୁ ୫୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୯୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୟାଗଡ ଜିଲ୍ଲାରୁ ୧୨୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୮୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୭୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୧୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୨୮୭, ଷ୍ଟେଟ୍ ପୁଲରୁ ୧୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପୌରାଂଚଳ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଲା

ଭୁବନେଶ୍ୱର, (ପି.ଏନ): ରାଜ୍ୟର ବିଭିନ୍ନ ପୌରାଂଚଳ ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିସନର ଆଦିତ୍ୟ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି।ସେ କହିଛନ୍ତି ଯେ ରାଜ୍ୟର ୧୦୭ ଏନଏସି ଓ ମ୍ୟୁନିସିପାଲିଟି ପାଇଁ ୧୭୫୬ କାଉନସିଲର ପଦବି ରହିଛି। ତନ୍ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୧୨୨, ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୧୭୧, ଅନୁସୂଚିତ ଜନଜାତି ପାଇଁ ୪୯, ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୧୩୩, ମହିଳାଙ୍କ ପାଇଁ ୬୧୩ ଓ ଅଣସଂରକ୍ଷିତଙ୍କ ପାଇଁ ୬୬୮ଟି ଆସନ ସଂରକ୍ଷଣ ଥିବା ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୌର ନିର୍ବାଚନ ଲାଗି ଭୋଟର ତାଲିକା ପ୍ରସ୍ତୁତି ଚାଲିଛି। ସେ କହିଛନ୍ତି ଯେ, ଫେବ୍ରୁଆରି ୧୦ ତାରିଖରେ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇବ।

# ଦୁର୍ନୀତି ଅଭିଯୁକ୍ତିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ; ବରିଷ୍ଠ ଆଇ.ଏ.ଏସ୍. ବିନୋଦ କୁମାର ଚାକିରୀରୁ ବରଖାସ୍ତ

ଭୁବନେଶ୍ୱର, (ପି.ଏନ): ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ପରେ ରାଜ୍ୟ ସରକାର ବରିଷ୍ଠ ଆଇ.ଏ.ଏସ୍ ଅଫିସର ତଥା ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିନୋଦ କୁମାରଙ୍କୁ ଚାକିରୀ ରୁ ବରଖାସ୍ତ କରିଛନ୍ତି।ଶ୍ରୀ କୁମାର ଙ୍କୁ ଚାକିରୀ ରୁ ବରଖାସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବରେ କେନ୍ଦ୍ର ସରକାର ମଧ ସମ୍ମତି ପ୍ରଦାନ କରିଛନ୍ତି।ସୂଚନାଯୋଗ୍ୟ ଯେ ଶ୍ରୀ କୁମାର ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ମହାବାତ୍ୟା ପରେ ପରେ ବିଭିନ୍ନ ନକଲି ଫାର୍ମ ତଥା ବ୍ୟକ୍ତିଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦାନ କରି ୩୩ କୋଟି ୩୪ ଲକ୍ଷ ଟଙ୍କା ବେଆଇନ ଭାବେ ମଂଜୁର କରିଥିଲେ। ଯାହାଦ୍ୱାରା କି ରାଜ୍ୟ ସରକାରଙ୍କର ବିପୁଳ ଆର୍ଥିକ କ୍ଷତି ହୋଇଥିଲା। ସେଥିପାଇଁ ଶ୍ରୀ କୁମାରଙ୍କ ବିରୁଦ୍ଧରେ ଓଡିଶା ସରକାର ୨୭ଟି ଭିଜିଲାନ୍ସ କେସ୍ ଦାୟର କରିଥିଲେ। ତନ୍ମଧ୍ୟରୁ ଦୁଇଟି କେସ୍‌ରେ ଶ୍ରୀ କୁମାର ଦୋଷୀ ସାବସ୍ତ ହୋଇଛନ୍ତି।ରାଜ୍ୟ ସରକାର ସବୁବେଳେ ଦୁର୍ନୀତି ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେଇଆସିଛନ୍ତି। ଦୁର୍ନୀତି କରିଥିବା ବ୍ୟକ୍ତିମାନେ ଯେତେ ଉଚ୍ଚ ପଦପଦବୀରେ ଥାନ୍ତୁ ନା କାହିଁକି, ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ବଦ୍ଧପରିକର। କିଛି ଦିନ ତଳେ ଦୁର୍ନୀତି ଅଭିଯୋଗରେ ସର୍ବଭାରତୀୟ ସେବା ର ଜଣେ ବରିଷ୍ଠ ଜଂଗଲ ସେବା ଅଧିକାରୀଙ୍କୁ ମଧ ଚାକିରୀରୁ ବରଖାସ୍ତ କରାଯାଇଥିଲା।

# ପଛୁଆବର୍ଗ ଜନଗଣନା ପରେ ମ୍ୟୁନିସିପାଲିଟି, ଏନ୍.ଏ.ସି. ନିର୍ବାଚନ କରାଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର, (ପି.ଏନ): ୧୦୭ ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ର ୧୭୫୬ଟି ୱାର୍ଡ଼ର ନିର୍ବାଚନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପଂଚାୟତ ନିର୍ବାଚନ ଭଳି ପଛୁଆବର୍ଗ ଜନଗଣନା ହୋଇନଥିବା ଯୋଗୁ ରାଜ୍ୟର ୫୨ଭାଗ ଓବିସି ୧୭୫୬ଟି ୱାର୍ଡ଼ ମଧ୍ୟରୁ ୪୭୪ଟି ୱାର୍ଡ଼ କାଉନ୍‌ସିଲାର ପଦବୀ ହରାଇବେ। ତେଣୁ ପ୍ରଥମେ ପଛୁଆ ବର୍ଗ ଜନଗଣନା କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ରାଜ୍ୟ ନିର୍ବାଚନ ଆୟୋଗର ଅଧକ୍ଷ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଏକ ଚିଠି ଲେଖି ଦର୍ଶାଇଛନ୍ତି ଯେ, ରାଜ୍ୟର ନଗର ଉନ୍ନୟନ ବିଭାଗର ବିକାଶ ପ୍ରକ୍ରିୟାରୁ ପଛୁଆବର୍ଗ ବାଦ ପଡ଼ିବାକୁ ଯାଉଛନ୍ତି। ୨୦୧୮ ମସିହାର ନିର୍ବାଚନ ୪ ବର୍ଷ ପରେ ୨୦୨୨ ମସିହାରେ ଅନୁଷ୍ଠିତ ହେବ। ଏହାକୁ ଆଉ ୬ ମାସ ଘୁଂଚାଇ ଦିଆଯାଇ ପଛୁଆବର୍ଗ ଜନଗଣନା କରି ଏହିସବୁ ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ର ନିର୍ବାଚନ କରାଗଲେ ରଜ୍ୟର ପଛୁଆବର୍ଗ ତାଙ୍କର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରନ୍ତେ। ଏହାକୁ ଆଖି ଆଗରେ ରଖି ମାନ୍ୟବର କମିଶନ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ବେହେରା ତାଙ୍କ ଚିଠିରେ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଥାଉକି, ରାଜ୍ୟରେ ପଛୁଆବର୍ଗ ଜନଗଣନା ହୋଇନଥିବା ଯୋଗୁ ସୁପ୍ରିମକୋର୍ଟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଓବିସି ବର୍ଗଙ୍କର ପ୍ରତିନିଧିତ୍ୱ ଦିଗରେ ପ୍ରତବନ୍ଧକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁନଶ୍ଚ ମ୍ୟୁନିସିପାଲିଟି ନିର୍ବାଚନରେ ମଧ ଏହି ବର୍ଗ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି।

### ସମାଜର ସମସ୍ତ ବର୍ଗର ଆବଶ୍ୟକତାକୁ ପୂରଣ କରିଲା ଭଳି ବଜେଟ୍: ଏବିଭିପି

ଭୁବନେଶ୍ୱର : ଚଳିତ ବର୍ଷ କେନ୍ଦ୍ରୀୟ ବଜେଟରେ ଶିକ୍ଷା କ୍ଷେତ୍ର ପାଇଁ ୧,୦୪,୨୭୭.୭୨ କୋଟି ଘୋଷଣାକୁ ଏବିଭିପି ସ୍ୱାଗତ କରିଛି। ୨୦୨୨ -୨୦୨୩ ବର୍ଷ ପାଇଁ ବଜେଟରେ ଶିକ୍ଷା, ରୋଜଗାର, ପରିବହନ ବ୍ୟବସ୍ଥା, ସାମାଜିକ ସୁରକ୍ଷା ସହିତ ମହିଳା, ଅନୁସୂଚିତ ଜାତି, ଜନଜାତି ଏବଂ ସମାଜର ସମସ୍ତ ବିଭାଗର ଆବଶ୍ୟକତା ଓ ଅପେକ୍ଷାକୁ ଧ୍ୟାନରେ ରଖି କେନ୍ଦ୍ରୀୟ ବଜେଟ ଘୋଷଣା କରାଯାଇଛି। କୋଭିଡ ପରବର୍ତୀ ସମୟରେ ସାରା ବିଶ୍ୱର ସ୍ଥିତି ଖରାପ ହେଉଥିବା ସମୟରେ ଭାରତ ବିକଶିତ ବା ଶକ୍ତିଶାଳୀ ହେବା ପାଇଁ ଏହି ବଜେଟ ସହାୟକ ହେବ।କେନ୍ଦ୍ରୀୟ ବଜେଟରେ ଉଚ୍ଚଶିକ୍ଷା ପାଇଁ ୬.୪୬% ବୃଦ୍ଧି ସହିତ ୪୦,୮୨୮ କୋଟି ଟଙ୍କା ଆବଂଟନ କରାଯାଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପାଇଁ ବଜେଟରେ ଏକ ସକରାତ୍ମକ ବୃଦ୍ଧି ଘଟିଛି। କରୋନା ମହାମାରୀ ହେତୁ ପ୍ରଧାନମନ୍ତ୍ରୀ ଇ-ଶିକ୍ଷା ଯୋଜନାକୁ ଆଗକୁ ବଢିବାକୁ, ଏକ ଶ୍ରେଣୀ- ଏକ ଚ୍ୟାନେଲ ଘୋଷଣା କରାଯାଇଛି ଯେଉଁଥିରେ ୧୮୮ ଟି ନୂତନ ଚ୍ୟାନେଲ ଖୋଲାଯିବା ସହ ୧ ରୁ ୧୨ ଶ୍ରେଣୀ ପାଇଁ ଏହି ଚ୍ୟାନେଲଗୁଡିକ ଆଂଚଳିକ ଭାଷାରେ ମଧ ଉପଲବ୍ଧ ହେବ।

# ଏହା ସଂପୂର୍ଣ୍ଣ ଭାବେ ଆତ୍ମନିର୍ଭର ବଜେଟ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର : ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ବିକାଶର ନୂତନ ସମ୍ଭାବନା ସୃଷ୍ଟି କରିଛି। ଦେଶର ଆତ୍ମନିର୍ଭର ଅର୍ଥବ୍ୟବସ୍ଥା ଦିଗରେ ଗତ କାଲି ଉପସ୍ଥାପିତ ହୋଇଥିବା ବଜେଟ ଏକ ବଳିଷ୍ଠ ପଦକ୍ଷେପ। ଏହି ବଜେଟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରତ୍ୟେକ ଲୋକଙ୍କ ପାଖରେ ପକ୍କାଘର, ପାନୀୟ ଜଳ, ରୋଷେଇ ଗ୍ୟାସ, ବ୍ୟାଂକ ସୁବିଧା ପହଂଚଇବାର ବ୍ୟବସ୍ଥା କରାଯାଇଛି। ବଜେଟରେ ସବୁଜ ବିଶ୍ୱ ତିଆରିର କଳ୍ପନା କରାଯାଇଛି। ଡିଜିଟାଲ ଭାରତ ଗଠନ ନିମନ୍ତେ ଡିଜିଟାଲ ମୁଦ୍ରା ପ୍ରଚଳନ, ୫-ଜି ଟେଲିକମ ସେବା, ବନ୍ଦେ ଭାରତ ଏକ୍ସପ୍ରେସ ରେଳ, କିଷାନ ଡ୍ରୋନର ପ୍ରଚଳନ ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ପର୍ବତମାଳା ଯୋଜନା ଆରମ୍ଭ ହେବାକୁ ଯାଉଛି। ଗତିଶକ୍ତି ଯୋଜନାରେ ବିଭିନ୍ନ ପ୍ରକାରର ଭିତିଭୁମି ଜରିଆରେ ଅଧିକ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି କରାଯାଇପାରିବ ଏବଂ ଭିତିଭୁମି ନିର୍ମାଣ ପରେ ବହୁ ସଂଖ୍ୟାରେ ଶିଳ୍ପ ବାଣିଜ୍ୟ ଗଢି ଉଠିବ, ଯାହା ଫଳରେ ନିଯୁକ୍ତି ଆହୁରି ବୃଦ୍ଧି ପାଇବ। କୃଷିଜାତ ଦ୍ରବ୍ୟକୁ ମୁଲ୍ୟଯୁକ୍ତ କରିବା ପାଇଁ ନାବାର୍ଡ ମାଧ୍ୟମରେ ପୁଞ୍ଜି ବିନିଯୋଗ ପାଇଁ ବ୍ୟବସ୍ଥା ହୋଇଛି। ଆଧୁନିକ ଭାରତ ଗଠନର ସମୟ ଆସିଯାଇଛି ଏବଂ ଏହା ସଂପୂର୍ଣ୍ଣ ଭାବେ ଆତ୍ମନିର୍ଭର ବଜେଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଜେପି କାର୍ଯ୍ୟକର୍ତାଙ୍କୁ ସମ୍ବୋଧନ କରି କହିଛନ୍ତି। "ଆତ୍ମନିର୍ଭର ଅର୍ଥବ୍ୟବସ୍ଥା" ପ୍ରସଙ୍ଗରେ ଆଜି ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ ବିଜେପି କାର୍ଯ୍ୟକର୍ତାଙ୍କୁ ସମ୍ବୋଧନ କରିଛନ୍ତି। ଦେଶର ପାଖାପାଖି ୧୮୦୦ଟି ସ୍ଥାନରୁ ଭର୍ଚୁଆଲ ମୋଡରେ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଯୋଡି ହୋଇଥିଲେ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଐତିହାସିକ ବଜେଟ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମଧ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀ, ସାଂସଦ, ମୁଖ୍ୟମନ୍ତ୍ରୀ, ବିଧାୟକ, ରାଜ୍ୟ ସଭାପତି ଓ ପଦାଧିକାରୀଙ୍କ ସମେତ କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ଗୋଲକ ମହାପାତ୍ର, ବରିଷ୍ଠ ନେତା ସଜ୍ଜନ ଶର୍ମା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ସେହିଭଳି ବହୁ ସଂଖ୍ୟାରେ ବିଜେପି ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ଭର୍ଚୁଆଲ ମୋଡରେ ଯୋଡି ହୋଇଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

## ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ମିଳୁନି ଧାନ ବିକ୍ରୀ ଟଙ୍କା, ସମିତି କର୍ମକର୍ତ୍ତା ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ଅନ୍ତର୍ଗତ ସମୟବାୟ ସମିତି ଗୁଡିକ ହେଉ କିମ୍ବା ମିଲ୍ ମାଲିକ ଚାଷୀଙ୍କ ଠାରୁ ଧାନ କିଣା ସମୟରେ ସରକାରଙ୍କ ନିର୍ଦ୍ଧାରିତ ନିୟମ କାନୁନ୍ ମାନୁ ନାହାଁନ୍ତି । ଫଳରେ ଚାଷମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣତଃ ସମିତିରେ ଚାଷୀ ଧାନ ବିକ୍ରୟ ପାଇଁ ନାମ ପିକରଣ କରି ଟୋକନ୍ ପାଇବା ପାଇଁ ନିଜ ପିକୃତ ମୋବାଇଲ୍ ମେସେଜ୍‌କୁ ଉତ୍କଣ୍ଠାର ସହ ଅପେକ୍ଷା କରିଥାଏ । ଟୋକନ୍ ନମ୍ବର ପାଇବା ପରେ ମେସେଜ୍‌ରେ ପ୍ରଦତ୍ତ ତାରିଖରେ ସମତିକୁଧାନ ନେଇ ମଣ୍ଡିରେ ପହଞ୍ଚିବା ପରେ ସମିତିର କର୍ମକର୍ତ୍ତା ସିଧାସଳଖ ସମିତିରେ ଟ୍ୟାଗ୍ ହୋଇଥିବା ରାଇସ୍ ମିଲ୍‌କୁ ପଠାଇ ଦେଉଛନ୍ତି । ଫଳରେ ଚାଷୀ ଅଧିକ ଗାଡି ଭଡା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏମେ ମିଲ୍‌ରେ ନାହିଁନଥିବା ଭିଡ ଯୋଗୁଁ ଚାଷୀକୁ ଶୀତ କାକରରେ ବାହାରେ ପଡି ରହି ପରଦିନ ଧାନ ଅନଲୋଡ୍ କରିବାକୁ ପଡୁଛି । ମିଲ୍ ମାଲିକ ଧାନ ଓଜନରେ କୁଇଣ୍ଟାଲ ପିଛା ୫ରୁ ୭କିଲୋ କାଟି ଚାଷୀଙ୍କୁ ଭେଣ୍ଡର ରହିସ ବଦଳରେ ହାତ ଲେଖା ଚିଠା ଦେଇ ସମିତିକୁ ପଠାଇ ଦେଉଛି । ଏଣେ ସମିତି କାଗଜ କଲମରେ ଚାଷୀର ଧାନ ଓଜନ ଓ ଲେବର ଖର୍ଚ୍ଚ ଓ ମଣ୍ଡିରେ ଧାନ ମହଜୁଦ ରଖିଥିବା ଦର୍ଶାଇ ସରକାରଙ୍କ ନିର୍ଦ୍ଧାରିତ ମଣ୍ଡି ଲେବର ଚାର୍ଜ ଦର୍ଶାଇ ମଣ୍ଡିରୁ ଅର୍ଥ ବାଟମାରଣା କରୁଥିବା ବେଳେ ମିଲ ମାଲିକ ସମିତିରୁ ଧାନ ନଆଣି ଗାଡି ବଢା ବାବଦକୁ ଭଲ ରକମ ହାତେଉଛନ୍ତି । ନିକଟରେ ଶାମୁକାନାଣ୍ଡି ପଂଚାୟତ ନଟିଆ ଗ୍ରାମର ଚାଷୀ ନାରଣନାୟକ ମେସେଜ୍ ପାଇ ଜାନୁଆରୀ ୧୭ତାରିଖରେ କେଶଦୂରାପାଳ ସମିତିରେ ଧାନ ପହଞ୍ଚାଇବା ପରେ ଧାନମଣ୍ଡି ଖୋଲା ନଯାଇ ସମିତିର ଭାରପ୍ରାପ୍ତ ସମ୍ପାଦକ ଝାରଖୁଣ୍ଡି ସ୍ଥିତ ଶ୍ୟାମ ସୁନ୍ଦର ରାଇସ ମିଲ୍‌କୁ ନେଇ ଧାନ ଦେଇଆସିବାକୁ ପରାମର୍ଶ ଦେଇଥିଲେ । ଚାଷୀ ଅନ୍ୟ ଉପାୟ ନପାଇ ଅଧିକ ଗାଡିଭଡା ଖର୍ଚ୍ଚାନ୍ତ ହୋଇ ଶୀତ କାକରରେ ଗୋଟିଏ ଦିନ ପରେ ଧାନ ଅନଲୋଡ କରିଥିଲେ ମଧ୍ୟ ସମିତି କର୍ମଚାରୀଙ୍କ ଅସହଯୋଗ ଯୋଗୁଁ ଦୀର୍ଘଦିନ ହେବ ବିକ୍ରୀ ପ୍ରାପ୍ୟ ମିଳିନଥିବା ଅଭିଯୋଗ କରିଛନ୍ତି । ଏହିଭଳି ବହୁ ଚାଷୀ ସମିତି କର୍ମଚାରୀଙ୍କ ପରାମର୍ଶ କ୍ରମେ ମିଲ୍ ଆଗରେ ଭିଡ ଜମାଇ ରାସ୍ତା ଜାମ୍ କରି ଯାତାୟତରେ ବାଧା ସୃଷ୍ଟି କରୁଛନ୍ତି । ଏଣୁ ସ୍ଥାନୀୟ ପ୍ରଶାସନ ଯୋଗାଣ ବିଭାଗ ଓ ସମବାୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ମୃତି ସଭା

ବାଙ୍କୀ,(ପି.ଏନ): ବୁଧବାର ଦିନ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱର୍ଗତ ଡାକ୍ତର ଧନେଶ୍ୱର ସାହୁଙ୍କ ବିୟୋଗରେ ସଂଘ କାର୍ଯ୍ୟାଳୟ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଜନକଲ୍ୟାଣ ନାଗରିକ ସଂଘର ସମସ୍ତ ସଭ୍ୟ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଏହି ସ୍ମୃତି ସଭାରେ ଡାକ୍ତର କୈଳାସ ଚନ୍ଦ୍ର ରଥ, ଡାକ୍ତର ଶରତ ଚନ୍ଦ୍ର ସ୍ୱାଇଁ, ସଂଗଠନ କେଶବ ଚନ୍ଦ୍ର ବେହେରା , ସଂପାଦକ ବିପିନି ବିହାରୀ ମହାନ୍ତି ପ୍ରମୁଖ ସ୍ୱର୍ଗତ ଡାକ୍ତର ସାହୁ ଜଣେ ବରିଷ୍ଠ ସଦସ୍ୟ, ବାଙ୍କୀ ଅଞ୍ଚଳର ଜଣେ ସୁନାମଧନ୍ୟ ଚିକିତ୍ସକ, ପରୋପକାରୀ, ମେଳାପି ଭାବେ ବାଙ୍କୀରେ ବେଶ୍ ପରିଚିତ ଥିଲେ ବୋଲି ପ୍ରକାଶ କରିଥିଲେ । ଏଥିରେ ସଂଘର ସଭାପତି ନୃସିଂହ ଚରଣ ପ୍ରଧାନ, ବାଇଧର ଦେଉରୀ , ରଘୁନାଥ ନାୟକ, ରମେଶ ଚନ୍ଦ୍ର ମନ୍ତ୍ରୀ, ବ୍ରହ୍ମାନନ୍ଦ ବେହେରା, ପ୍ରହ୍ଲାଦ ପୃଷ୍ଟି, ସାରଙ୍ଗଧର ମିଶ୍ର, ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ ପ୍ରାଣୀ ଚିକିତ୍ସାଳୟରେ ଅପରାହ୍ନରେ କେହି କର୍ମଚାରୀ ନଥିବା ସମୟରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି କାର୍ଯ୍ୟାଳୟର ଆବଶ୍ୟକୀୟ କାଗଜାତ ଜଳିପୋଡି ପାଉଁଶ ହୋଇ ଯାଇଛି । ଏ ନେଇ ସ୍ଥାନୀୟ ଜନସାଧାରଣ ଭୟଭୀତ ହୋଇ ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ କରି ଜଣାଇବାରେ କର୍ମଚାରୀ ମାନେ ପହଂଚି ନିଆଁକୁ ଆୟତ କରିଥିଲେ ।ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମର ଆଦିବାସୀ ସାହିର କେଳା ନାୟକଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳ ଘର ଜଳିପୋଡି ପାଉଁଶ ହୋଇଯାଇଛି । ଏ ନେଇ ବେଗୁନିଆ ଦମକଳ କର୍ମଚାରୀ ପହଂଚି ଲୋକ ମାନଙ୍କର ଧନଜୀବନ ରକ୍ଷା କରିଥିଲେ ।

## ଉଚ୍ଚ ଶିକ୍ଷାରେ ସାଂଘାତିକ କେଳେଙ୍କାରୀ

ଆନନ୍ଦପୁର,(ପି.ଏନ):ବଦଳି ନୀତି କାର୍ଯ୍ୟକାରୀ ହେଉନି । ଅଧ୍ୟାପକଙ୍କ ଅଭାବକୁ ସାମୟୀକ ଭାବେ ଦୂର କରିବା ଲାଗି ଅତିଥି ଅଧ୍ୟାପକ ନିଯୁକ୍ତି ଉପରେ ଜୋର ଦିଆଯାଇଥିଲା । ହେଲେ ଆଜି ଦିନରେ କିଛି ଅନୁଷ୍ଠାନରେ ଅତିଥି ଅଧ୍ୟାପକଙ୍କ ଉପରେ ଛାତ୍ରଛାତ୍ରୀ ଅଧିକ ନିର୍ଭରଶୀଳ । ସବୁଠାରୁ ବଡକଥା ହେଲା ମହାବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ଦୃଷ୍ଟିରେ ରଖି ବଦଳି ନୀତି କାର୍ଯ୍ୟକାରୀ ହେଉନାହିଁ । ଏଥିରେ ବିଧାୟକ ଓ ସାଂସଦଙ୍କ ଲେଟର ପ୍ୟାଡ୍ ଏକ ବଡ ଅସ୍ତ୍ର ପାଲଟିଛି ।ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ ମ୍ୟାନେଜମେଣ୍ଟ ଲେଟର ଜାରି କରି ଏଭଳି କିଛି ସମ୍ବେଦନଶୀଳ ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛନ୍ତି । ଏହା ସୂଚାଇ ଦେଉଛି ଯେ ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ସମ୍ଭବତଃ ଠିକ୍ ରାସ୍ତାରେ ନାହିଁ । ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି ଯେ ରାଜ୍ୟରେ ୫୨ଟି ଡିଗ୍ରୀ କଲେଜ ମଧ୍ୟରୁ ମାତ୍ର ୨୯ପ୍ରତିଶତ (୧୫ଟି) ସରକାରୀ ଡିଗ୍ରୀ କଲେଜକୁ ନେଇ ଅଡିଟ୍ କରାଯାଇଥିଲା । ୟୁଜିସି ନିୟମ ଅନୁସାରେ ପ୍ରତି ୨୫ଜଣ ଛାତ୍ରଛାତ୍ରୀରେ ଜଣେ ଶିକ୍ଷକ ବା ଅଧ୍ୟାପକ ରହିବା କଥା । ବିଜ୍ଞାନ ଓ ବାଣିଜ୍ୟ କ୍ଷେତ୍ରରେ ଏହା ୩୦.୧ । କିନ୍ତୁ ଅଡିଟ୍ ବେଳେ ଦେଖାଯାଇଥିଲା ଯେ ଏମିତି କଲେଜ ଥିଲା ଯେଉଁଠାରେ ୨୭୫ଜଣ ଛାତ୍ରଛାତ୍ରୀରେ ଜଣେ ଅଧ୍ୟାପକ ପାଠ ପଢାଉଥିଲେ । ସେହିପରି ବାଣିଜ୍ୟ କ୍ଷେତ୍ରରେ ଏହି ସଂଖ୍ୟା ୧୫୬ ଥିଲା । ଏସବୁ କଲେଜରେ ୮୩୬ଟି ପଦବୀ ଥିବାବେଳେ ୪୨୮ଟି ପଦବୀ ଖାଲି ପଡିଥିଲା । ତେବେ ଅଡିଟ୍ ଟିମ୍‌କୁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କରିଥିଲେ ଯେ ଖୁବ୍ ଶୀଘ୍ର ଖାଲି ଥିବା ପଦବୀକୁ ନିଯୁକ୍ତି ଏବଂ ଅତିଥି ଅଧ୍ୟାପକ ନିୟୋଜିତ କରି ପୂରଣ କରି ଦିଆଯାଉ । ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ଆଇଏଏସ୍ ଓ ଓଏଏସ୍ ଅଫିସର ମାନଙ୍କୁ ଅବସର ପରେ ବିଭିନ୍ନ ପଦପଦବୀରେ ନିଯୁକ୍ତ ଦେବାକୁ ଆଦୌ ସମୟ ନେଉନଥିବା ବେଳେ ପାଖାପାଖି ୫୦ପ୍ରତିଶତ ପଦବୀ ଖାଲି ପଡିଥିଲା ଅଥଚ ଉଚ୍ଚ ଶିକ୍ଷା ବିଭାଗ ଜାଣି ପାରିଲାନି କେମିତି ? ସରକାର ଏହି ପ୍ରସଙ୍ଗକୁ ଅଣଦେଖା କଲେ କେମିତି ?

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶାସନିକ ବୈଠକ

ବାଙ୍କୀ,(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଙ୍କୀ ଓ ଡମପଡ଼ା ବ୍ଲକରେ ଚଳିତ ନିର୍ବାଚନରେ ସରପଞ୍ଚ , ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପ୍ରାର୍ଥୀଭାବେ ପ୍ରତିନିଧିତ୍ୱ କରୁଥିବା ଦୁଇଗୋଟି ବ୍ଲକର ୩୭ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୫ଗୋଟି ଜିଲ୍ଲା ପରିଷଦ ଜୋନ୍‌ର ପ୍ରାର୍ଥୀମାନେ ଆଜି ବାଙ୍କୀ ଡମପଡ଼ା ସମ୍ମିଳନୀ କକ୍ଷରେ ବାଙ୍କୀ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଅର୍ଥ ବିଭାଗର ଯୁଗ୍ମ ସଚିବ ଦେବରାଜ ମଣ୍ଡଳ ପ୍ରାର୍ଥୀମାନେ ନିର୍ବାଚନରେ ସରକାରଙ୍କ ନିୟମ ଅନୁଯାୟୀ ଖର୍ଚ୍ଚ ସଂପର୍କରେ ଲିପିବଦ୍ଧ କରିବା ସହିତ ବିବରଣୀ ପ୍ରଦାନ କରିବା ସହିତ ଚଳିତ ନିର୍ବାଚନ କିପରି ଅବାଧ ଓ ଶାନ୍ତି ଶୃଙ୍ଖଳାରେ ଶେଷ କରାଯିବ ସେ ସଂପର୍କରେ ଉପସ୍ଥିତ ପ୍ରାର୍ଥୀମାନଙ୍କୁ ସୂଚନା ଦେଇଥିଲେ । ଏଥିରେ ବାଙ୍କୀ ଡମପଡ଼ା ବ୍ଲକ ବି.ଡି.ଓ ଶ୍ୟାମଳ କୁମାର ରାୟ, ବାଙ୍କୀ ବ୍ଲକ ବି.ଡି.ଓ ପ୍ରଦୀପ୍ତ କୁମାର ଶତପଥୀ ,ବାଙ୍କୀ ଡମପଡ଼ା ବ୍ଲକ ଜି.ପି.ଓ ତ୍ରିନାଥ କୁମାର ଜେନା, ବାଙ୍କୀ ବ୍ଲକ ଜି.ପି.ଓ କୁମର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରେଳବାଇ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା କେନ୍ଦ୍ର ଅବହେଳାର ଶିକାର : ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ

ବାରିପଦା ,(ପି.ଏନ): ମୟୂରଭଞ୍ଜ ଜିଲ୍ଲା ରେଳବାଇ କ୍ଷେତ୍ରରେ ବାରମ୍ବାର କେନ୍ଦ୍ର ଅବହେଳାର ଶିକାର ହୋଇ ଆସୁଛି । ରେଳ ଲାଇନ ସଂଯୋଗୀକରଣ ଓ ନୂତନ ଟ୍ରେନ ଚଳାଚଳ ଅଭାବରୁ ମୟୂରଭଞ୍ଜ ଜିଲ୍ଲା ଓଡ଼ିଶାର ସବୁଠାରୁ ବଡ ଆଦିବାସୀ ଜିଲ୍ଲା ହୋଇଥିଲେ ମଧ୍ୟ ବିକାଶ ସମ୍ଭବ ପର ହେଉନାହିଁ । ପର୍ଯ୍ୟଟନ ଓ ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସୁଯୋଗ ସୁବିଧା ଥାଇ ମଧ୍ୟ ରେଳ ଲାଇନ ସଂଯୋଗୀକରଣ ହୋଇ ନ ଥିବାରୁ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏକ ପଛୁଆ ଜିଲ୍ଲା ଭାବରେ ମୟୂରଭଞ୍ଜ ଜିଲ୍ଲା ପରିଚିତ । ବୁଢାମରା - ଚକୁଳିଆ, ବାଙ୍ଗିରିପୋଷି - ଗୋରୁମହିଷାଣି ନୂତନ ରେଳ ଲାଇନ ସଂଯୋଗୀକରଣ ମୟୂରଭଞ୍ଜର ଦୀର୍ଘ ଦିନର ଦାବୀ । କିନ୍ତୁ କେନ୍ଦ୍ର ସରକାର ବଜେଟରେ ଅର୍ଥ ବରାଦ ନ କରିବା ଦୁଃଖର ବିଷୟ । ବୁଢାମରା - ଚାକୁଳିଆ ନିମନ୍ତେ କେବଳ କୋଟିଏ ଟଙ୍କାର ବ୍ୟୟ ବରାଦ ମୟୂରଭଞ୍ଜବାସୀଙ୍କୁ ପ୍ରତାରଣାର ଆଉ ଏକ ନମୁନା କହିଲେ ଭୁଲ ହେବ ନାହିଁ । ବାରିପଦାରେ ରେକପଏଣ୍ଟ ନିର୍ମାଣ ଦୀର୍ଘ ଦିନର ଦାବୀ, କିନ୍ତ କେନ୍ଦ୍ର ସରକାର ଏଥିପ୍ରତି ମଧ୍ୟ ଦୃଷ୍ଟି ଦେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ । ଏହା ବ୍ୟତୀତ ଓଡ଼ିଶାର ସବୁ ରେଳବାଇ ଅଞ୍ଚଳକୁ ଗୋଟିଏ ରେଳ ଡିଭିଜନ ଅଧିନକୁ ଆଣିବାର ଆବଶ୍ୟକତା ରହିଛି । ମୟୂରଭଞ୍ଜ ଜିଲ୍ଲା ଓଡ଼ିଶା ବାହାର ରାଜ୍ୟ ଡିଭିଜନ ଅଧିନରେ ରହୁଥିବାରୁ ଜିଲ୍ଲାକୁ ପ୍ରକୃତ ଗୁରୁତ୍ୱ ଦିଆଯାଇନାହିଁ । ତେଣୁ କେନ୍ଦ୍ର ସରକାର ନୂତନ ରେଳ ଲାଇନ ସଂଯୋଗୀକରଣ ନିମନ୍ତେ ପର୍ଯ୍ୟାପ୍ତ ଅନୁଦାନ ବା ବ୍ୟୟ ବରାଦ କରିବା ସହିତ ବାଙ୍ଗିରିପୋଷିରୁ ପୁରୀ ପର୍ଯ୍ୟନ୍ତ ନୂତନ ଦୈନିକ ଟ୍ରେନ ଚଳାଚଳ ନିମନ୍ତେ ପୂର୍ବତନ ସଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଦାବୀ କରିଛନ୍ତି ।

## ଆଦର୍ଶ ନାରୀ ପ୍ରତିଭା : ରଶ୍ମିତା ସାହୁ

ମଣିଷ ଜୀବନ ନୁହଁଇ କେବଳ, ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜିଏ ନର କର୍ମ ଅକା ଏକା ତାର, ଜୀବନର ମାନଦଣ୍ଡ - ପୂଜ୍ୟପାଦ ଗୋପବନ୍ଧୁ ଦାସଙ୍କ ଏହି ଉକ୍ତି ସଦା ଜୀବନ୍ତ ଓ ଚିରନ୍ତାନି । ସତକର୍ମ, ସୋଭାନୀୟତା, ଦେଶସେବା ସାଧାରଣ ମଣିଷକୁ ମହାନ୍ କରେ ଏବଂ ସମାଜ ପାଇଁ ସିଏ ଆଦର୍ଶ ପାଲଟିଯାଏ । ସେହି ଭଳି ଜଣେ ନାରୀ ପ୍ରତିଭା ହେଉଛନ୍ତି ପିତା ଭୀମସେନ ସାହୁ,ମାତା ସରୋଜିନୀ ସାହୁଙ୍କ ସୁକନ୍ୟା ଏବଂ ଶ୍ୱଶୁର ରେଳବାଇ ବିଭାଗର ଉଚ୍ଚ ପଦସ୍ଥ କର୍ମଚାରୀ ଉମେଶ ଚନ୍ଦ୍ର ପାଲ ଶାଶୁ ଶିକ୍ଷୟତ୍ରୀ ମାନସୀ ଦେବୀଙ୍କ ସୁନାବୋହୂ ଏବଂ ଇଂ. ତୋଶିପ୍ ପାଲଙ୍କ ଧର୍ମପତ୍ନୀ ରଶ୍ମିତା ସାହୁ ଯାହାଙ୍କର ଜନ୍ମ ୧୯୯୪ ଗ୍ରାମ କୋରପଦା, କନ୍ଦରପୁର, କଟକ ଜିଲ୍ଲା



। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ଶିକ୍ଷାପ୍ରତି ଆଗ୍ରହ, କଳା, ସାହିତ୍ୟ, ସଙ୍ଗୀତ,ନୃତ୍ୟ ପ୍ରତି ରୁଚି ଏବଂ ସେବାକୁ ପ୍ରାଧାନ୍ୟ ଦେଇ ଦୁଇ କୁଳକୁ ହିତା ନ୍ୟାୟରେ ଆଜି ନିଜ ଜନ୍ମମାଟି ସାଧନାର ପୀଠ କନ୍ଦରପୁର କଟକ ସଦର ଆଉ ଶାଶୁ ଘର ଖୋର୍ଦ୍ଧା ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାସହ ସମାଜ ପାଇଁ ଆଦର୍ଶ ପାଲଟିଛନ୍ତି । କନ୍ଦରପୁର ମହାବିଦ୍ୟାଳୟରୁ +୩ ଶିକ୍ଷାଲାଭ କରି ପରେ ଇଗନୋ ୟୁନିଭରସିଟିରୁ ଏମ୍ଏସଡବ୍ଲୁରେ ମାଷ୍ଟର ଡିଗ୍ରୀ ହାସଲ କଲାପରେ କଳାବିହାର କନ୍ଦରପୁରର ସ୍ଥିତ ଅଗ୍ରଣୀ ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦର ଆଜୀବନ ସଦସ୍ୟ ଭାବେ କାର୍ଯ୍ୟକରୀ ଗ୍ରାମାଂଚଳ ଶିଶୁ ପ୍ରତିଭା ମାନଙ୍କ ସାରସ୍ୱତ ସାଧକକୁ ସମାଜ ଆଗରେ ବିକଶିତ କରିବାରେ ପ୍ରୟାସ ଚଳାଇଛନ୍ତି ଯାହାକି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଜଣେ କବୟିତ୍ରୀ, ସୁଗୃହିଣୀ, ସମାଜସେବୀକା, ଛାତ୍ରବତ୍ସଳ ଶିକ୍ଷୟତ୍ରୀ, ଆଦର୍ଶ ନାରୀ ପ୍ରତିଭା, ଉପସ୍ଥାପିକା ଭାବେ ତାଙ୍କର ସୁଖ୍ୟାତି ରହିଛି । ବିଭିନ୍ନ ଉଲ୍ଲେଖନୀୟ କୃତିତ୍ୱ ନେଇ ସରସ୍ୱତୀ କଳା ପରିଷଦ କନ୍ଦରପୁର, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା,ପ୍ରବାସୀ ଓଡିଆ ଅଭିଯାନ ମୁମ୍ବାଇ, ଉତ୍କଳ ବିକାଶ ପରିଷଦ କଟକ ସଦର ଆଦି ବହୁ ସାମାଜିକ ସଂଗଠନ ଦ୍ୱାରା ସେ ସମ୍ବର୍ଦ୍ଧିତ । ତାଙ୍କ ଜୀବନ ହେଉଛି ସାଧନା ମୟ ଆଉ କଳା,ସାହିତ୍ୟ, ସଂସ୍କୃତି ପାଇଁ ପ୍ରାଣ ହେଉଛି ସମର୍ପିତ, ନିଜ ଅଂଚଳର ବିକାଶ,ସମସ୍ତ ଦିଗରେ ଉନ୍ନତିର ବିକଶିତ ଧାରାକୁ ଦ୍ୱିଗୁଣିତ କରିବାରେ ପ୍ରଚେଷ୍ଟା ବାସ୍ତବରେ ଉଦାହରଣିୟ । ସାଧନାମୟ ଜୀବନ ସମ୍ପର୍କରେ ସେ କୁହନ୍ତି ପ୍ରତ୍ୟେକ ମଣିଷ ନିଜର ବାସ୍ତବ କର୍ମ ଆଉ ମା, ମାଟି, ମାତୃଭାଷାକୁ ଶ୍ରଦ୍ଧା କରୁଥିବା ବ୍ୟକ୍ତିତ୍ୱ ହିଁ ବଡ଼ ମଣିଷ ହୋଇ ପାରିବ । ଏହି ସୃଜନଶୀଳ ପ୍ରତିଭା ରଶ୍ମିତାଙ୍କ ସାରସ୍ୱତ ସାଧନା ସଫଳ ହେଉ,ତାଙ୍କ ନାରୀ ସୁଲଭ ପ୍ରତିଭାର ବିକାଶ ଘଟୁ ଏତିକି ପାର୍ଥନ ।

*ପ୍ରସ୍ତୁତି - ଡି. ଶୁଭମ୍*

## ଜନମଙ୍ଗଳ ପରିଷଦ ପକ୍ଷରୁ ଶୀତ ବସ୍ତ୍ର ପ୍ରଦାନ

ବାଙ୍କୀ, (ପି.ଏନ): ଡମପଡ଼ା ଚନ୍ଦକା ଅଭୟାରଣ୍ୟରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟର ଲୋକମାନଙ୍କୁ ଡମପଡ଼ା ପଞ୍ଚାୟତ ଅନ୍ତର୍ଗତ ଢ଼ୋଲକାଠ ଗ୍ରାମର ପ୍ରାୟ ୮୦ଗୋଟି ପରିବାରର ବୟସ୍କ ଲୋକମାନଙ୍କୁ ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଅନୁଷ୍ଠାନର ରାଷ୍ଟ୍ରୀୟ ଅଧକ୍ଷ ଅଲେଖ ଜେନା, ସୀତାଶଂୁ ମହାନ୍ତି,ସୁକାନ୍ତ ମହାନ୍ତି, ମୁକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଦାବା ଇଣ୍ଡିଆ ଜେନେରିକ୍ ଫାର୍ମାସୀ ଉଦ୍‌ଘାଟିତ

କେନ୍ଦୁଝର,(ପି.ଏନ): କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ନିକଟ ମଣ୍ଡୁଆ ରାମଚନ୍ଦ୍ରଭବନ ମାର୍କେଟ କଂପ୍ଲେକ୍ସ ପରିସରରେ ଦାବା ଇଣ୍ଡିଆ ଜେନେରିକ୍ ଫାର୍ମାସି ର ନୂତନ ଫ୍ରାଞ୍ଚାଇଜ ଗୁରୁବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ନୂତନ ଫାଞ୍ଚାଇଜକୁ ଦାବା ଇଣ୍ଡିଆର ରିଜିଓନାଲ ସେଲ୍ସ ମ୍ୟାନେଜର ପ୍ରିୟରନ ମହାନ୍ତି ଉଦ୍‌ଘାଟନ କରିଥିଲେ । ଏହି ଔଷଧାଳୟ ଦ୍ୱାରା ସ୍ଥାନୀୟ ସହରବାସୀ ସୁଲଭ ମୂଲ୍ୟରେ ୧୮୦୦ ପ୍ରକାର ର ଜେନେରିକ ଔଷଧ ପାଇପାରିବେ ।

## ଶ୍ୱଶୁର ଘର ଲୋକ ବୋହୂକୁ ଅପହରଣ, ପୋଲିସ ଦ୍ୱାରା ଉଦ୍ଧାର

ଖୋର୍ଦ୍ଧା, (ପିଏନ): ବେଗୁନିଆ ଥାନା ଅନ୍ତର୍ଗତ ଧଳାପଥର ଅଂଚଳରେ ଶ୍ୱଶୁର ଘର ଲୋକେ ଅପହରଣ କରି ନେଇଥିବାର ଚାରିଦିନ ପରେ ପୋଲିସ ମହିଳାଙ୍କୁ ଉଦ୍ଧାର କରି ପ୍ରାଥମିକ ତଦନ୍ତ ଚଳାଇଛି ।ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ଶତପଥିଙ୍କ ସୂଚନା ମୁତାବକ ଧଳାପଥର ଅଂଚଳର ଭୋଳାନାଥ ବେହେରାଙ୍କ ପୁତ୍ର ରଞ୍ଜନ ଗତ ୨୦୨୧ ମସିହା ମେ ମାସରେ ଖୋର୍ଦ୍ଧା ଜିଲ୍ଲା କୁଣ୍ଡିଲୋ ଗ୍ରାମର ଅର୍ଜୁନ ବେହେରାଙ୍କ ଝିଅ ପୂଜାକୁ ବୈଦିକ ରିତୀନିତି ଅନୁଯାଇ ସ୍ଥାନୀୟ ଗହିରଗାଡିଆସ୍ଥିତ ବନଦୁର୍ଗା ମନ୍ଦିର ପରିସରରେ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ପୂର୍ବରୁ ରଞ୍ଜନ ବିବାହ କରିଥିଲେ ମଧ୍ୟ ପରିବାର ଲୋକମାନେ ଗୋପନ ରଖିଥିଲେ । ଏହି କଥା ଜଣାପଡିବା ପରେ ନବ ବିବାହିତ ବଧୂକୁ ଯୌତୁକ ନିର୍ଯ୍ୟାତନା ସହ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଥିଲା । ଏ ନେଇ ଝିଅକୁ ବାପ ଘରକୁ ଯିବା ପାଇଁ ବାରଣ କରାଯାଇ ଥିଲେ ମଧ୍ୟ ଗତ ୩୧ ତାରିଖ ଦିନ ଫୋନ କରି ନିଜ ବାପଘରକୁ ନେଇଯିବା ପାଇଁ



ଅନୁରୋଧ କରିଥିଲା । ସେହିଦିନ ଶ୍ୱଶୁର ଘର ପରିବାର ଝିଅ ଘରେ ନାହିଁ ବୋଲି ଅର୍ଜୁନକୁ ଫୋନ ଯୋଗେ ଜଣାଇଥିଲେ ।ଏଭଳି ଖବର ଶୁଣି ଝିଅର ବାପା ନିଜ ଜ୍ୱାଇଁ ଘରେ ପହଂଚି ଝିଅ କୁଆଡେ ଗଲା ପଚାରିବାରୁ ତାକୁ ବିଭିନ୍ନ ପ୍ରକାର ଧମକ ଚମକ ଦେଖାଇବାରୁ ପୋଲିସ ନିକଟରେ ଅଭିଯୋଗ କରିଥିଲେ । ଏ ନେଇ ପୋଲିସ ଘଟଣାର ତଦନ୍ତ କରି ଝିଅକୁ ଉଦ୍ଧାର କରି ଶ୍ୱଶୁର ଘର ଲୋକଙ୍କ ନାମରେ ଏକ ଯୌତୁକ ନିର୍ଯାତନା ମାମଲା ରଜୁ କରି ଶ୍ୱଶୁର ଘର ଉପରେ ଚଢାଉ କରିଥିଲେ । ଏହି ଘରର ସମସ୍ତ ସଦସ୍ୟ ଫେରାର ହୋଇ ଯାଇଥିବାର ଜଣା ପଡିଛି ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

## MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray